ବର୍ଷ-୨୪, ସଂଖ୍ୟା-୧୭୪
ଭୁବନେଶ୍ୱର
୨୪ ଜୁଲାଇ, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 174
Bhubaneswar
24 July, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବିବାଦରେ ପ୍ରଭାସଙ୍କ 'କଲକି ୨୮୯୮ ଏଡି': ଜାରି ହେଲା ଲିଗାଲ ନୋଟିସ

# ୪୮.୨୧ ଲକ୍ଷ କୋଟିର ବଜେଟ୍ : ବିକଶିତ ଭାରତର ସ୍ୱପ୍ନ

**ନୂଆଦିଲ୍ଲୀ,୨୩।୭(ମହାଭାରତ):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ବିକଶିତ ଭାରତର ସ୍ୱପ୍ନର ପ୍ରଥମ କେନ୍ଦ୍ରୀୟ ବଜେଟ ଲୋକସଭାରେ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଫେବୃଆରୀ ୧ରେ ୪୭,୬୫,୭୬୮ କୋଟି ଟଙ୍କାର କାମଚଳା ବଜେଟ ଉପସ୍ଥାପିତ ହୋଇଥିବାବେଳେ ପୂର୍ଣ୍ଣାଙ୍ଗ ବଜେଟର ପରିମାଣ ୪୮,୨୦,୫୧୨ କୋଟି ଟଙ୍କା ରହିଛି।

ଏହାସହିତ ସୀତାରମଣ ଲଗାତର ସପ୍ତମ ଥର ବଜେଟ୍ ଉପସ୍ଥାପନ କରିବାର ରେକର୍ଡ କରିଛନ୍ତି । ଏହା ପୂର୍ବରୁ ମୋରାରଜୀ ଦେସାଇଙ୍କ ନାମରେ ଲଗାତର ୬ଥର ବଜେଟ ଉପସ୍ଥାପନ କରିବାର ରେକର୍ଡ ରହିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ ଉପସ୍ଥାପନ କରିବା ପୂର୍ବରୁ ରାଷ୍ଟ୍ରପତି ଭବନରେ ପହଂଚିଥିଲେ । ଏଠାରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ। ରାଷ୍ଟ୍ରପତି ଏଠାରେ ତାଙ୍କୁ ମିଠା ଖୁଆଇଥିଲେ।

ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ୨୦୨୪-୨୫ ବର୍ଷ ପାଇଁ ଋଣ ବ୍ୟତୀତ ମୋଟ ଆୟ ଏବଂ ମୋଟ ଖର୍ଚ୍ଚ ଯଥାକ୍ରମେ ୩୨.୦୭ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ନିଟ୍ ଟିକସ ଆଦାୟ ୨୫.୮୩ ଲକ୍ଷ କୋଟି ଟଙ୍କା ଏବଂ ବିତ୍ତୀୟ ନିଅ ଜିଡିପିର ୪.୯ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି।ସେ କହିଛନ୍ତି ଯେ ୨୦୨୪-୨୫ ରେ ଡେଟ୍ ସିକ୍ୟୁରିଟି ଜରିଆରେ ମୋଟ ଓ ନିଟ୍ ବଜାର ଋଣ ଯଥାକ୍ରମେ ୧୪.୦୧ ଲକ୍ଷ କୋଟି ଟଙ୍କା ଏବଂ ୧୧.୬୩ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ବିକଶିତ ଭାରତ ପାଇଁ ନିଜର ବଜେଟ୍ ଅଭିଭାଷଣରେ ନିର୍ମଳା ସୀତାରମଣ ୯ଟି କ୍ଷେତ୍ର ଉପରେ ପ୍ରାଥମିକତା ଦେଇଛନ୍ତି। ସେଗୁଡ଼ିକ ହେଉଛନ୍ତି କୃଷି, ରୋଜଗାର, ଅନ୍ତର୍ଭୁକ୍ତ ବିକାଶ, ଉତ୍ପାଦନ ଓ ସେବା କ୍ଷେତ୍ର, ନଗର ଉନ୍ନୟନ, ଶକ୍ତି, ଭିତ୍ତିଭୂମି, ଉଦ୍ଭାବନ, ଗବେଷଣା ଓ ବିକାଶ ଓ ନୂଆ ପିଢ଼ିର ସଂସ୍କାର।

ଉତ୍ପାଦକତା ବୃଦ୍ଧି ଉପରେ ଧ୍ୟାନ ଦେବା ପାଇଁ ସରକାର କୃଷି ଗବେଷଣା ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିବେ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ୩୨ଟି କ୍ଷେତ ଓ ଉଦ୍ୟାନ କୃଷି ଫସଲର ନୂତନ ୧୦୯ଟି ଉଚ୍ଚ ଉତ୍ପାଦନକାରୀ ଓ ଜଳବାୟୁ ସହନଶୀଳ ପ୍ରଜାତି ଚାଷ ପାଇଁ ଛଡ଼ାଯିବ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ସାର୍ଟିଫିକେସନ୍ ଓ ବ୍ରାଣ୍ଡିଂ ସହାୟତାରେ ଦେଶର ୧ କୋଟି କୃଷକଙ୍କୁ ପ୍ରାକୃତିକ ଚାଷ ପାଇଁ ପଦକ୍ଷେପ ନିଆଯିବ। ୧୦,୦୦୦ ଆବଶ୍ୟକତା ଭିତ୍ତିକ ବାୟୋ-ଇନପୁଟ୍ ରିସୋର୍ସ ସେ ର ପ୍ରତିଷ୍ଠା କରାଯିବ। ଡାଲି ଓ ତୈଳବୀଜରେ ଆତ୍ମନିର୍ଭରଶୀଳତା ହାସଲ ପାଇଁ ସରକାର ଉତ୍ପାଦନ, ସଂରକ୍ଷଣ ଓ ବିପଣନକୁ

ସୁଦୃଢ଼ କରିବା ସହ ସୋରିଷ, ଚିନାବାଦାମ, ରାଶି, ସୋୟାବିନ୍ ଓ ସୂର୍ଯ୍ୟମୁଖୀ ଭଳି ତୈଳବୀଜ ପାଇଁ 'ଆତ୍ମନିର୍ଭରତା' ହାସଲ କରିବେ। ସରକାର ରାଜ୍ୟମାନଙ୍କ ସହ ଭାଗିଦାରୀରେ ୩ ବର୍ଷ ମଧ୍ୟରେ କୃଷକ ଏବଂ ସେମାନଙ୍କ ଜମିକୁ କଭରେଜ୍ କରିବା ପାଇଁ କୃଷିକ୍ଷେତ୍ରରେ ଡିଜିଟାଲ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର (ପୃଷ୍ଠା-୮)



## ୩ ଲକ୍ଷ ପର୍ଯ୍ୟନ୍ତ ଆୟ ପାଇଁ ଆୟକର ଶୂନ

**ନୂଆଦିଲ୍ଲୀ,୨୩।୭(ମହାଭାରତ):** ଆୟକର ସ୍ଲାବରେ ପରିବର୍ତ୍ତନ କରି ଆୟକର ଦାତାଙ୍କୁ ଆଶ୍ୱସ୍ତି ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ନୂଆ ଟିକସ ବ୍ୟବସ୍ଥାରେ ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦ ହଜାର ଟଙ୍କାରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ଏହା ସହିତ ଟିକସ ଢାଂଚାରେ ପରିବର୍ତ୍ତନ କରାଯିବ।ନୂଆ ଟିକସ ବ୍ୟବସ୍ଥାରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୌଣସି ଟିକସ ଆଦାୟ କରାଯିବ ନାହିଁ। ୩ ଲକ୍ଷରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୫ ପ୍ରତିଶତ ଟିକସ ଲାଗୁ ହେବ। ୭ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୧୦ ପ୍ରତିଶତ ଟିକସ ଲାଗୁ ହେବ। ୧୦ ଲକ୍ଷରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୧୫ ପ୍ରତିଶତ ଟିକସ ଲାଗୁ ହେବ। ୧୨ ଲକ୍ଷରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୨୦ ପ୍ରତିଶତ ଟିକସ ଲାଗୁ ହେବ। ୧୫ ଲକ୍ଷଟଙ୍କାରୁ ଅଧିକ ଆୟ ଉପରେ ୩୦ ପ୍ରତିଶତ ଟିକସ ଲାଗୁ ହେବ।

## ବଜେଟରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ

**ନୂଆଦିଲ୍ଲୀ,୨୩।୭(ମହାଭାରତ):** ସଂସଦରେ ୨୦୨୪-୨୫ ଆର୍ଥିକ ବର୍ଷର ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଚଳିତ ବଜେଟରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି । ରଜ୍ୟର ପର୍ଯ୍ୟଟନସ୍ଥଳୀ ପାଇଁ ବଜେଟରେ ବିଶେଷ ଘୋଷଣା କରାଯାଇଛି । ପ୍ରାକୃତିକ ଶୋଭାରେ ସମୃଦ୍ଧ ଓଡ଼ିଶାର ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ବେଳାଭୂମି ଗୁଡିକ ପର୍ଯ୍ୟଟନର ମୁଖ୍ୟ ଆଧାର ହୋଇଥିବାରୁ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ। ଓଡ଼ିଶାର ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ କରାଯିବ । ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଓଡ଼ିଶାକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ।

## କେଉଁ ବଡ଼ ବିଭାଗକୁ ମିଳିଛି କେତେ କୋଟି

ଖର୍ଚ୍ଚର ହିସାବ (କୋଟିରେ)

| | |
|---|---|
| ୧- ପେନସନ- ୨୪,୩୨୯୬ | ୧୪- ସ୍ୱରାଷ୍ଟ୍ର - ୧୫୦୯୮୩ |
| ୨- ପ୍ରତିରକ୍ଷା - ୪,୫୪,୭୭୩ | ୧୫ - ସୁଧ - ୧୧,୬୨,୯୪୦ |
| ୩- ସାର - ୧,୬୪,୦୦୦ | ୧୬ - ଆଇଟି ଓ ଟେଲିକମ - ୧୧୬୩୪୨ |
| ୪- ଖାଦ୍ୟ - ୨,୦୫,୨୫୦ | ୧୭ - ଅନ୍ୟାନ୍ୟ - ୧୪୪୪୭୭ |
| ୫- ପେଟ୍ରୋଲିୟମ - ୧୧,୯୨୫ | ୧୮ - ଯୋଜନା ଓ ପରିସଂଖ୍ୟାନ - ୬,୨୯୧ |
| ୬- କୃଷି ଓ ଏହା ସହ ଜଡ଼ିତ କାର୍ଯ୍ୟକ୍ରମ - ୧,୫୧,୮୫୧ | ୧୯- ଗ୍ରାମୀଣ ବିକାଶ - ୨,୬୫,୮୦୮ |
| ୭- କମର୍ସ ଓ ଇଣ୍ଡିଷ୍ଟ୍ରି - ୪୭,୫୫୯ | ୨୦ - ବିଜ୍ଞାନ ଭିତ୍ତିକ ବିଭାଗ - ୩୨,୭୩୬ |
| ୮ - ଉତ୍ତର ପୂର୍ବର ବିକାଶ - ୫,୯୦୦ | ୨୧- ସାମାଜିକ କଲ୍ୟାଣ - ୫୬,୫୦୧ |
| ୯- ଶିକ୍ଷା - ୧,୨୫,୬୩୮ | ୨୨- ଜିଏସଟି କ୍ଷତି ପୂରଣ ପାଣ୍ଠି - ୧୫,୦୦୦୦ |
| ୧୦- ଶକ୍ତି - ୬୮,୭୬୯ | ୨୩ - ରାଜ୍ୟର ଭାଗ -୩୨୨୨୮୭ |
| ୧୧- ବୈଦେଶିକ ବ୍ୟାପାର - ୨୨,୧୫୫ | ୨୪ - ପରିବହନ - ୫,୪୪,୧୨୮ |
| ୧୨- ଅର୍ଥ - ୮୬,୩୩୯ | ୨୫ - କେନ୍ଦ୍ର ଶାସିତ ଅଞ୍ଚଳ - ୬୮,୬୬୦ |
| ୧୩- ସ୍ୱାସ୍ଥ୍ୟ - ୮୯,୨୮୭ | ୨୬ - ସହରୀ ବିକାଶ - ୮୨,୫୭୭ |

## ୨୦୨୪-୨୫ କେନ୍ଦ୍ର ବଜେଟର ମୁଖ୍ୟାଂଶ..

| | |
|---|---|
| ୪୮.୨୧ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ | ବନ୍ୟା କ୍ଷତିଗ୍ରସ୍ତ ୫ ରାଜ୍ୟକୁ ସ୍ୱତନ୍ତ୍ର ସହାୟତା ଘୋଷଣା |
| ରୋଜଗାର ଓ ଦକ୍ଷତା ପାଇଁ ପ୍ରଧାନମନ୍ତ୍ରୀଙ୍କ ୫ ଯୋଜନା ପ୍ୟାକେଜ୍ | ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ଯାଏ ଋଣ |
| ନିଯୁକ୍ତି, ଦକ୍ଷତା, ଏମ୍ଏସ୍ଏମ୍ଇ ଓ ମଧ୍ୟବିତ୍ତବର୍ଗ ଉପରେ ଗୁରୁତ୍ୱ | ୧୦୦୦ ଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠାନର ଉନ୍ନତିକରଣ କରାଯିବ |
| ୫ ବର୍ଷରେ ୪.୧ କୋଟି ଯୁବକଯୁବତୀଙ୍କୁ ରୋଜଗାର | ୨୫ହଜାର ଗ୍ରାମୀଣ ବସତିକୁ ଯୋଗାଯୋଗ |
| ପୂର୍ବୋଦୟ ଯୋଜନାରେ ଓଡ଼ିଶା ସହ ୫ ରାଜ୍ୟ ସାମିଲ | ନିବେଶକଙ୍କ ପାଇଁ ଆଞ୍ଜେଲ ଟିକସ ଉଚ୍ଛେଦ |
| ୫ ବର୍ଷରେ ୨୦ ଲକ୍ଷ ଯୁବକଙ୍କୁ ଦକ୍ଷ କରାଯିବ | ବିଦେଶୀ କମ୍ପାନୀ ଉପରେ କର୍ପୋରେଟ୍ ଟିକସ ୪୦ରୁ ୩୫%କୁ ହ୍ରାସ |
| ମହିଳା ଓ ବାଳିକାଙ୍କ ଯୋଜନା ପାଇଁ ୩ ଲକ୍ଷ କୋଟିରୁ ଅଧିକ ବ୍ୟୟବରାଦ | ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ଯାଏ ଋଣ |
| ଗ୍ରାମୀଣ ଭିତ୍ତିଭୂମି ଓ ବିକାଶ ପାଇଁ ୨.୬୬ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା | ୨ ବର୍ଷ ମଧ୍ୟରେ ଦେଶର ୧ କୋଟି କୃଷକଙ୍କୁ ପ୍ରାକୃତିକ ଚାଷ ପାଇଁ ପ୍ରୋତ୍ସାହିତ କରାଯିବ |
| ମୁଦ୍ରା ଋଣସୀମା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି | |
| ୧ କୋଟି ଯୁବକଯୁବତୀଙ୍କୁ ୫୦୦ ଶ୍ରେଷ୍ଠ କମ୍ପାନୀରେ ଇର୍ଣ୍ଣସିପ୍ ସୁଯୋଗ | ମହାକାଶ ଅର୍ଥନୀତିକୁ ୫ ଗୁଣ ବୃଦ୍ଧି ଯୋଜନା |
| ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ କୋଟି ଟଙ୍କା ବିନିଯୋଗ | ପୁଞ୍ଜି ଲାଭ ଛାଡ଼ ସୀମାକୁ ବାର୍ଷିକ ୧.୨୫ ଲକ୍ଷ ଟଙ୍କାକୁ ବୃଦ୍ଧି |
| ପିଲାଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଆରମ୍ଭ ହେବ ବାତ୍ସଲ୍ୟ ଯୋଜନା | ପାରିବାରିକ ପେନସନ ଛାଡ଼ ୨୫,୦୦୦/- ଟଙ୍କାକୁ ବୃଦ୍ଧି |

## କ'ଣ ହେଲା ଶସ୍ତା ଓ ମହଙ୍ଗା





### ଶସ୍ତା ହୋଇଥିବା ଜିନିଷ

ଏକ୍ସ ରେ ମେସିନ, ୨୫ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ସ, ୩ପ୍ରକାରର କ୍ୟାନସର ମେଡିସନ, ମୋବାଇଲ ଫୋନ, ମୋବାଇଲ ଚର୍ଜର ଓ ଅନ୍ୟାନ୍ୟ ଉପକରଣ, ରୁପା, ଆମଦାନୀ ହେଉଥିବା ସୁନା, ଚମଡ଼ା ଜାତୀୟ ଜିନିଷ ଓ ସମୁଦ୍ର ଜାତୀୟ ଖାଦ୍ୟ, ସୋଲାର ସେଲ ଓ ପ୍ୟାନେଲ, ଷ୍ଟିଲ ଓ କପର, ଚପଲ ଓ ଜୋତା ଏବଂ ବୁଣା ଜିନିଷ।



### ମହଙ୍ଗା ହୋଇଥିବା ଜିନିଷ

ଲ୍ୟାବ କେମିକାଲ୍ସ, ପିଭିସି ଫ୍ଲେକ୍ସ ବ୍ୟାନର, ଆମୋନିୟମ ନାଇଟ୍ରେଟ, ପ୍ଲାଷ୍ଟିକ ଜାତୀୟ ଦ୍ରବ୍ୟ ଓ ଟେଲିକମ ଇକ୍ୟୁପମେଣ୍ଟ, ପାନ ମସଲା, ତମ୍ବାକୁ।

## ଆନ୍ଧ୍ର ଓ ବିହାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ

**ନୂଆଦିଲ୍ଲୀ,୨୩।୭(ମହାଭାରତ):** ଚଳିତ ବଜେଟରେ ବିହାର ଓ ଆନ୍ଧ୍ରପ୍ରଦେଶ ପାଇଁ ବିଶେଷ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ। ଏନ୍‌ଡିଏ ସରକାର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଟିଡିପି ଓ ଜେଡିୟୁ। ତେଣୁ ଆନ୍ଧ୍ର ଓ ବିହାର ପାଇଁ ଅର୍ଥ ଭଣ୍ଡାର ଖୋଲିଦେଇଛନ୍ତି ସରକାର। ବିହାର ପାଇଁ ୫୮ ହଜାର ୯ଶହ କୋଟି କୋଟି ଓ ଆନ୍ଧ୍ର ପାଇଁ ୧୫ ହଜାର କୋଟି ଟଙ୍କା ବଜେଟ ଘୋଷଣା କରାଯାଇଛି। ବିହାରରେ ଏୟାରପୋର୍ଟ, ମେଡିକାଲ କଲେଜର ବିକାଶ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ଆନ୍ଧ୍ରପ୍ରଦେଶର ପୁର୍ନଗଠନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା କହି ବଜେଟ ଘୋଷଣା କରିଥିଲେ। ପୋଲାଭରମ୍ ପ୍ରକଳ୍ପ ଶୀଘ୍ର ସମାପ୍ତ ପାଇଁ ପଦକ୍ଷେପ ନିଆଯିବ । ଏଥିପାଇଁ ୧୫ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ । ପୋଲାଭରମ ଆନ୍ଧ୍ରର ଜୀବନ ରେଖା ବୋଲି କହିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସରକାର କହିଛନ୍ତି ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଆବଶକୀୟ ପୁଞ୍ଜି ପ୍ରଦାନ କରାଯାଉଛି। ସେହିପରି ବକ୍ସରରେ ଗଙ୍ଗା ନଦୀ ଉପରେ ନିର୍ମାଣ ହେବ ଦୁଇ ଲେନ୍ ବିଶିଷ୍ଟ ପୋଲ । ଏଥିପାଇଁ ମୋଟ ୨୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି ଯେ, ଅମୃତସର-କୋଲକାତା ଶିଳ୍ପ କରିଡରରେ ଆମେ ବିହାରର ଗୟାରେ ଉଦ୍ୟୋଗିକ ବିକାଶକୁ ସମର୍ଥନ ଦେବୁ।ଏହା ପୂର୍ବକ୍ଷେତ୍ରର ବିକାଶକୁ ଗତି ଦେବ। ସଡକ ସମ୍ପର୍କ ପରିଯୋଜନାରେ ପାଟନା-ପୂର୍ଣ୍ଣିଆ। ଏକ୍ସପ୍ରେସ୍, ବକ୍ସର-ଭାଗଲପୁର ରାଜମାର୍ଗ ଓ ବୋଧଗୟା-ରାଜଗୀର-ବୈଶାଳୀ-ଦରଭଙ୍ଗାର ବିକାଶ ପାଇଁ ମଧ୍ୟ ଆମେ ସହଯୋଗ କରିବୁ ।

## ୧ ଟଙ୍କାରେ ବଜେଟର ହିସାବ

| ଟଙ୍କାଟିଏ ଆସିବ କୁଆଡୁ | ଟଙ୍କା ଟିଏ ଯିବ କୁଆଡେ |
|---|---|
| ଋଣ ଓ ଅନ୍ୟାନ୍ୟ ଦାତା- ୨୭ ପ. | ଟିକସ ଓ ଶୁଳ୍କରୁ ରାଜ୍ୟର ଭାଗ- ୨୧ ପ. |
| କର୍ପୋରେସନ ଟିକସ-୧୭ ପ. | ସୁଧ ଦେୟ- ୧୯ ପ. |
| ଆୟକର-୧୯ ପ. | କେନ୍ଦ୍ରୀୟ ଯୋଜନା- ୧୬ ପ. |
| ସୀମା ଶୁଳ୍କ-୪ ପ. | ଫାଇନାନ୍ସ କମିଶନ ଓ ଅନ୍ୟ ଟ୍ରାନ୍ସଫର- ୯ ପ. |
| କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ-୫ ପ. | କେନ୍ଦ୍ର ପ୍ରାୟୋଜିତ ଯୋଜନା- ୮ ପ. |
| ଜିଏସଟି ଓ ଅନ୍ୟାନ୍ୟ ଟିକସ-୧୮ ପ. | ପ୍ରତିରକ୍ଷା- ୮ ପ. |
| ଅଣ-ଟିକସ ରାଜସ୍ୱ- ୯ ପ. | ସବସିଡି- ୬ ପ. |
| ଅଣ-ଋଣ ପୁଞ୍ଜି ଆୟ-୧ ପ. | ପେନସନ- ୪ ପ. |
| | ଅନ୍ୟାନ୍ୟ ଖର୍ଚ୍ଚ: ୯ପ. |

## ରେଳବାଇକୁ ରେକର୍ଡ ଟଙ୍କା ଆବଣ୍ଟିତ

**ନୂଆଦିଲ୍ଲୀ,୨୩।୭(ଏଜେନ୍ସି):** ବିଭିନ୍ନ କାରଣରୁ ଦେଶରେ ଟ୍ରେନ୍ ଦୁର୍ଘଟଣା ଘଟୁଛି। ଏହାକୁ ନିୟନ୍ତ୍ରଣ କରିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ସାଧାରଣ ବଜେଟରେ ପ୍ରାଥମିକତା ଦିଆଯାଇଛି। ବଜେଟରେ ରେଳବାଇକୁ ରେକର୍ଡ ୨,୬୨,୨୦୦ କୋଟି ଟଙ୍କା ଆବଣ୍ଟିତ କରାଯାଇଛି।

## ବିଧାନସଭାରେ ଅସ୍ମିତା ତାତି, ଗୃହ ଅଚଳ

**ଭୁବନେଶ୍ୱର,୨୩।୭(ମହାଭାରତ):** ବିରୋଧୀ ଦଳ ବିଜୁ ଜନତା ଦଳର ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ଆଜି ବିଧାନସଭାରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଚାଲି ପାରିନାହିଁ। ହଟ୍ଟଗୋଳ କାରଣରୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ଦିନ ୧୧.୩୦ ଯାଏ ମୁଲତବୀ ରଖିଥିଲେ। ଗୃହ ପୁନଃ ଚାଲୁ ହେବା ପରେ ମଧ୍ୟ ବିରୋଧୀ ଦଳ ସମାନ କାରଣ ପାଇଁ ଗୃହରେ ପ୍ରତିବାଦ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ପ୍ରଥମେ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଏବଂ ପରେ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।



ଆଜି ନିର୍ଦ୍ଧାରିତ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରଶ୍ନର ଉତ୍ତର ଦେବାକୁ ଯାଉଥିଲେ। ବିରୋଧୀ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲିକ ତାଙ୍କ ଆସନରେ ଠିଆ ହୋଇ କିଛି କହୁଥିଲେ । ହେଲେ ତାଙ୍କର କଥା ପ୍ରେସ ଗ୍ୟାଲେରୀକୁ ଶୁଣାଯାଇ ନ ଥିଲା । ଇତି ମଧ୍ୟରେ ଗୃହମଧ୍ୟକୁ ବିରୋଧୀ ବିଜେଡି ସଦସ୍ୟମାନେ ରାଜ୍ୟପାଳଙ୍କ ପୁଅଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କୁଆଡ଼େ ଗଲା ଓଡ଼ିଆ ଅସ୍ମିତା ବୋଲି କହି ବିରୋଧୀ ସଦସ୍ୟମାନେ ହୋହାଲ୍ଲା କରିଥିଲେ। ଏହାପରେ ବିରୋଧୀ ବିଜେଡି ଓ ଶାସକ ବିଜେପି ସଦସ୍ୟମାନେ ମୁହାଁମୁହିଁ ହୋଇଥିଲେ। ଏହାଫଳରେ ବାଚସ୍ପତି ସୁରମା ପାଢ଼ୀ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ହଟ୍ଟଗୋଳ କାରଣରୁ ପ୍ରଶ୍ନକାଳ କାର୍ଯ୍ୟକ୍ରମ ହୋଇ ପାରି ନ ଥିବା ବେଳେ ପରବର୍ତ୍ତୀ ସମୟରେ ମଧ୍ୟରେ ହଟ୍ଟଗୋଳ ଦେଖା ଦେଇଥିଲା । ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟ ମିଳିତ ଭାବେ ପ୍ରତିବାଦ କରିଥିଲେ । ବାଚସ୍ପତିଙ୍କ ପୋଡ଼ିଅମ ନିକଟରେ ଆସି ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା । ।କଂଗ୍ରେସ ବି ଓଡ଼ିଆ ଅସ୍ମିତା କଥା କହି ଗୃହ ମଧ୍ୟଭାଗକୁ ଓହ୍ଲାଇଥିଲା।

ଅନ୍ୟ ପକ୍ଷରେ ପଏଂଟ ଅଫ ଅର୍ଡରରେ ବିଜେପି ବିଧାୟକ ଜୟନାରାୟଣ (ପୃଷ୍ଠା-୮)



## ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାତି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ। ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ। ଏହା କ୍ରିସ୍ପି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ। ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଆସ୍ତେ ଆସ୍ତେ ଗାଢ଼ା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ। ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ। ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହା ଉପରେ ଗୁଜରାତି ଗୁଣ୍ଡ ପକାନ୍ତୁ। ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ। ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ।

ଖବର

## ବିବାଦରେ ପ୍ରଭାସଙ୍କ 'କଳକି ୨୮୯୮ ଏଡି': ଜାରି ହେଲା ଲିଗାଲ ନୋଟିସ



ପ୍ରଭାସ ଓ ନିର୍ଦ୍ଦେଶକ ନାଗ ଅଶ୍ୱିନଙ୍କ 'କଳକି ୨୮୯୮ ଏଡି' ଏବେ ଆଇନ ଫାସରେ ପଡ଼ିଛି। ପୂରା ବିଶ୍ୱରେ ଭଲ ଆୟ କରି ରେକର୍ଡ ସୃଷ୍ଟି କରିଥିବା ଏହି ଫିଲ୍ମର ପ୍ରଯୋଜକଙ୍କ ସମେତ ପୂରା ଟିମ ପାଖକୁ ଯାଇଛି ଲିଗାଲ ନୋଟିସ।ଏହି ଫିଲ୍ମ ହିନ୍ଦୁ ଧର୍ମର ଭାବାବେଗକୁ ଆଘାତ ଦେଇଥିବା କଂଗ୍ରେସର ପୂର୍ବତନ ନେତା ପ୍ରମୋଦ ଆଚାର୍ଯ୍ୟ ଅଭିଯୋଗ କରିଉଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଭାରତ ଗୋଟିଏ ଭାବପ୍ରବଣ, ବିଶ୍ୱାସ ଓ ଭକ୍ତିର ମାଟି। ଏଠାରେ ସନାତନ ଧର୍ମକୁ କୌଣସି ପ୍ରକାରରେ ବିକୃତି କରାଯାଇ ପାରିବ ନାହିଁ। ସନାତନର ଧର୍ମଗ୍ରନ୍ଥକୁ ଆଦୌ ବଦଳା ଯାଇ ପାରିବ ନାହିଁ। ଭଗବାନ କଳକି ନାରାୟଣ ଆମ ବିଶ୍ୱାସର ମୂଳରେ ରହିଛନ୍ତି। ସେ ଭଗବାନ ବିଷ୍ଣୁଙ୍କ ଅବତାର।କଳକି ଅବତାର ସମ୍ପର୍କରେ ଅନେକ କିଛି ପୁରାଣରେ ଲେଖାହୋଇଛି। ଏହାକୁ ଆଧାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୧୯ରେ ଶ୍ରୀ କଳକି ଧାମର ଶିଳାନ୍ୟାଶ କରିଥିଲେ।ଆମ ଧର୍ମଗ୍ରନ୍ଥରେ ଥିବା ବିଷୟବସ୍ତୁ ବିରୋଧରେ ଯାଇ 'କଳକି ୨୮୯୮ ଏଡି' ପ୍ରସ୍ତୁତ କରାଯାଇଛି। 'କଳକି ୨୮୯୮ ଏଡି' ଆମ ଧାର୍ମିକ ଭାବାବେଗକୁ ଆଘାତ ଦେଇଛି। ତେଣୁ ଆମେ ଫିଲ୍ମକୁ ନେଇ ଆପତ୍ତିକୁ ଉଠାଇଛୁ ଓ ପ୍ରତିକ୍ରିୟାକୁ ଅପେକ୍ଷା କରିଛୁ। ହିନ୍ଦୁମାନଙ୍କ ଭାବାବେଗକୁ ନେଇ ଖେଳିବା ଏବେ ଫିଲ୍ମ ନିର୍ମାତାଙ୍କ ଅଭ୍ୟାସ ହୋଇଗଲାଣି।ସ୍ୟମାନଙ୍କୁ ରାକ୍ଷାସ ଭଳି ପ୍ରଦର୍ଶିତ କରାଯାଉଛି। ଆମ ବିଶ୍ୱାସ ସହ ଖେଳିବା ବାକ ସ୍ୱାଧୀନତାର ଅର୍ଥ ନୁହେଁ।ଆଚାର୍ଯ୍ୟ ପ୍ରମୋଦଙ୍କ ଲିଗାଲ ନୋଟିସକୁ ସୁପ୍ରିମକୋର୍ଟର ଓକିଲ ଉଜ୍ଜ୍ୱଳ ଆନନ୍ଦ ଶର୍ମା ଫିଲ୍ମ ନିର୍ମାତା ଓ ଅନ୍ୟମାନଙ୍କ ପାଖକୁ ପଠାଇଛନ୍ତି। ନୋଟିସରେ କୁହାଯାଇଛି ଯେ ଆପଣଙ୍କ ସିନେମା ଭଗବାନ କଳକିଙ୍କ ପ୍ରତି ଥିବା ମୂଳ ଚିନ୍ତାଧାରାକୁ ବଦଳାଇ ଦେଇଛି। ହିନ୍ଦୁ ପୌରାଣିକ ଗ୍ରନ୍ଥରେ ଲେଖାଯାଇଥିବା ବିଷୟବସ୍ତୁର ଏହାର ବିରୋଧାଭାଷ କରୁଛି।'କଳକି ୨୮୯୮ ଏଡି'ର ଲେଖକ ଓ ନିର୍ଦ୍ଦେଶକ ହେଉଛନ୍ତି ନାଗ ଅଶ୍ୱିନ। ୬୦୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଏହି ଫିଲ୍ମ ଇତି ମଧ୍ୟରେ ୧ ହଜାର କୋଟି ଟଙ୍କା ଆୟ କରିସାରିଲାଣି।ୁ ଏଥିରେ ପ୍ରଭାସଙ୍କ ବ୍ୟତୀତ ଦୀପିକା ପାଦୁକୋନ, ଅମିତାଭ ବଚ୍ଚନ ଓ କମଲ ହାସନଙ୍କ ଭଳି ଅଭିନେତା ରହିଛନ୍ତି।

## ଅଦା ପାଣି କମାଏ କୋଲେଷ୍ଟ୍ରଲ

ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡିବୁଟି ଭାବରେ ଗଣାଯାଇଛି। ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଥଣ୍ଡା ଏବଂ କାଶ ବ୍ୟତୀତ ଅଦା ଶ୍ୱାସ ଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଏବଂ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆପଣ ଅଦା ପାଣି ପିଇବା ଆରମ୍ଭ କରନ୍ତୁ। ସକାଳେ ଖାଲି ପେଟରେ ଅଦା ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ।



ଅଦା ପାଣିରୁ ମିଳୁଥିବା ଫାଇଦା :

■ ଅନେକ ଲୋକଙ୍କର ହଜମ ପ୍ରକ୍ରିୟାରେ ଗଡବଡ ହୋଇଥାଏ। ସେ କିଛି ବି ଖାଇଲେ ତାଙ୍କର ପେଟ ଜନିତ ସମସ୍ୟା ଦେଖାଯାଇଥାଏ। ଏହି ଲୋକମାନଙ୍କ ପାଇଁ ଅଦା ପାଣି ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

■ ଅଦା ପାଣିରେ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା ଗର୍ଭାବସ୍ଥା ସମୟରେ ବାନ୍ତି ହେବାର ସମସ୍ୟା ଦୂର ହୋଇଥାଏ।

■ ଅଦା ପାଣିରେ ଜିଙ୍କର ଏକ ଉତ୍ତମ ଭାଗ ରହିଥାଏ ଯାହା ଶରୀରରେ ଇନସୁଲିନ୍ କ୍ଷରଣ ବଢାଇଥାଏ ଏବଂ ରକ୍ତରେ ସୁଗାର ଲେବଲକୁ କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ମଧୁମେହ ରୋଗୀଙ୍କ ପାଇଁ ଅଦା ପାଣି ମଧ୍ୟ ଲାଭଦାୟକ ହୋଇଥାଏ।

■ ଏହା ହୃଦରୋଗର ଚିକିତ୍ସାରେ ମଧ୍ୟ ବ୍ୟବହୃତ ହୁଏ। କୋଲେଷ୍ଟ୍ରଲକୁ କମ୍ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଅଦା ପାଣି ସହାୟକ ହୋଇଥାଏ। ଅନେକ ସମୟରେ ଲୋକମାନେ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଭୋଗିଥାନ୍ତି, ଯେଉଁଥିପାଇଁ ସେମାନେ ପେନ୍ କିଲର୍ ଖାଇଥାନ୍ତି। କିନ୍ତୁ ଏହିପରି ଔଷଧ ସ୍ୱାସ୍ଥ୍ୟ ଉପରେ କ୍ଷତି ପହଞ୍ଚାଇପାରେ। ତେଣୁ ଏଥିଲାଗି ଅଦା ପାଣି ପିଅନ୍ତୁ।

## ଧର୍ମରାଜ ଯୁଧିଷ୍ଠିରଙ୍କ ନିଷ୍ପତ୍ତି

ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ।



ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର, କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ? ତୁମେ କାହା ଜୀବନ ଚାହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଚାହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରିଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଚାହିଁଲେ ମାଆ ମାଦ୍ରିଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

## କରଜରୁ ମୁକ୍ତି ପାଇବା ପାଇଁ ପ୍ରଭୁ ହନୁମାନଙ୍କ ନିକଟରେ ଲଡୁ ଭୋଗ କରନ୍ତୁ



ପ୍ରଭୁ ହନୁମାନ, ଗଣେଶଙ୍କ ନିକଟରେ ବୁନ୍ଦି ଲଡୁକୁ ବିଶେଷ ଭାବେ ଭୋଗ କରାଯାଇଥାଏ। ଏହା ଦ୍ୱାରା ଭଗବାନ ପ୍ରସନ୍ନ ହୋଇଥାଆନ୍ତି ବୋଲି ମାନ୍ୟତା ରହିଛି। ବୁନ୍ଦି ଲଡୁ ପୂଜାପାଠରେ ଭୋଗ କରିବା ପାଇଁ ବ୍ୟବହାର କରିବା ସହ ଏହା ଖାଇବାକୁ ମଧ୍ୟ ବହୁ ସ୍ୱାଦିଷ୍ଟ ଲାଗିଥାଏ। ମାତ୍ର ଏହି ବୁନ୍ଦି ଲଡୁର କେତେକ ବ୍ୟବହାର ଦ୍ୱାରା ଆମ ଜୀବନର ବହୁ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ କିପରି କରିବେ ଏହି ବୁନ୍ଦି ଲଡୁର ବ୍ୟବହାର.

ନିଜ ମନ ପସନ୍ଦର ଜୀବନସାଥୀ ପାଇବା ପାଇଁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ବୁନ୍ଦିର ଲଡୁକୁ ହନୁମାନଙ୍କ ପାଖରେ ଭୋଗ କରି ଏହାକୁ ବାଣ୍ଟି ଦିଅନ୍ତୁ। ଏପରି କରିବା ଦ୍ୱାରା ମନୋସ୍କାମନା ପୂରଣ ହୋଇଥାଏ।

ବହୁ ଦିନ ଧରି କାର୍ଯ୍ୟ ଲାଗି ରହିଥିଲେ ମଧ୍ୟ ସଫଳତା ମିଳୁନଥିଲେ, ପ୍ରଭୁ ହନୁମାନଙ୍କ ମନ୍ଦିରରେ ବୁନ୍ଦି ଲଡୁରେ ତୁଳସୀପତ୍ର ପକାଇ ଭୋଗ କରନ୍ତୁ। ଏହା ପରେ ଏହି ଭୋଗକୁ ବାଣ୍ଟି ଦିଅନ୍ତୁ।

କରଜରୁ ମୁକ୍ତି ପାଇବା ପାଇଁ ମଧ୍ୟ ମଙ୍ଗଳବାର ଦିନ ପ୍ରଭୁ ହନୁମାନଙ୍କ ନିକଟରେ ବୁନ୍ଦି ଲଡୁ ଭୋଗ କରନ୍ତୁ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଜାତକରେ ମଙ୍ଗଳ ଗ୍ରହ ଦୁର୍ବଳ ଥିଲେ ବ୍ୟକ୍ତିର ଆତ୍ମବିଶ୍ୱାସ ମଧ୍ୟ ଦୁର୍ବଳ ହୋଇଯାଏ। ଏହାକୁ ସୁଦୃଢ କରିବା ପାଇଁ ପ୍ରତି ମଙ୍ଗଳବାର ବୁନ୍ଦିର ଲଡୁ ଦାନ କରନ୍ତୁ। ଏହି ସମସ୍ୟାର ସମାଧାନ ହୋଇଥାଏ। ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥାଏ।

ଯେକୌଣସି ପରୀକ୍ଷା ଦେବାକୁ ଯିବାକୁ ପୂର୍ବରୁ ହନୁମାନଙ୍କ ମନ୍ଦିରକୁ ଯାଇ ଲଡୁ ଭୋଗ କରି ଏହାକୁ ନିଜେ ଖାଆନ୍ତୁ। ପରୀକ୍ଷାରେ ଶୁଭଫଳ ମିଳିବ।



## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ମୋଟାପଣ କମ କରିଥାଏ:

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

ଗ୍ୟାସ ସମସ୍ୟାରୁ ମୁକ୍ତି:

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

### ପୂର୍ବତଟ ରେଳପଥର ସଫଳତା

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପରେ ଟନେଲ ସଂଯୋଗ



**ଭୁବନେଶ୍ୱର,୨୩।୭ (ମହାଭାରତ):** ଟନେଲ ସଂଯୋଗ କାର୍ଯ୍ୟରେ ପୂର୍ବତଟ ରେଳପଥ ଆଉ ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲିଙ୍କ୍ ପ୍ରକଳ୍ପ (୩୦୧ କିଲୋମିଟର) ନିର୍ମାଣ କାର୍ଯ୍ୟରେ ନିୟୋଜିତ ରେଳପଥର ନିର୍ମାଣ ବିଭାଗର ଇଞ୍ଜିନିୟରିଂ ଟିମ୍ ମାଧପୁର ବନ ରେଞ୍ଜର ଦୁର୍ଗମ ସଂରକ୍ଷଣ ଜଙ୍ଗଲ ଅନ୍ତର୍ଗତ ଆଢ଼େଣିଗଡ଼ -ଝରିଛକ ରେଳ ସେକ୍ସନ ମଧ୍ୟରେ ୪୧୮୫ ମିଟର ଲମ୍ବ ଟନେଲ ସହିତ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକ ଏସ୍କେପ ଟନେଲର ବ୍ରେକଥରୁ କାର୍ଯ୍ୟ ଆଜି କରାଯାଉଅଛି।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପର ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୫୨.୮୦୫ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି। ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ନିଶ୍ଚିତ କରିବାକୁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ଲାଇନ ନିର୍ମାଣ କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିଲୋମିଟର କାର୍ଯ୍ୟ ଶେଷ ହୋଇଛି। ଏହା ବ୍ୟତୀତ, ସୋନପୁରଠାରୁ ଝରମୁଣ୍ଡା ପର୍ଯ୍ୟନ୍ତ ୨୮.୭୬୫ କି.ମି. ଦୈର୍ଘ୍ୟ ରେଳ ମାର୍ଗ ମଧ୍ୟ ଇତି ମଧ୍ୟରେ ଶେଷ ହୋଇଛି। ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିଲୋମିଟର ପର୍ଯ୍ୟନ୍ତ ସେଗମେଣ୍ଟ ଆସନ୍ତା କିଛି ମାସ ମଧ୍ୟରେ ଶେଷ ହେବ ବୋଲି ଆଶା କରାଯାଉଛି । ଏହା ସହିତ ଟନେଲ କାର୍ଯ୍ୟକୁ ମଧ୍ୟ ଉଭୟ ପାର୍ଶ୍ୱରୁ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଅଛି।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦିଆଯାଉଛି। ଏହି ସାର୍ବଜନୀନ କେନ୍ଦ୍ର ପ୍ରକଳ୍ପ, ଦୂରବର୍ତ୍ତୀ ଉପାନ୍ତ ଅଞ୍ଚଳରେ ରେଳ ଲାଇନ ନିର୍ମାଣ କରିବାକୁ ରେଳ ମନ୍ତ୍ରଣାଳୟ ଦ୍ୱାରା ତୀକ୍ଷ୍ଣ ନଜର ରଖାଯାଇଛି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ପ୍ରକଳ୍ପର ଶୀଘ୍ର ସମାପ୍ତିକୁ ଲକ୍ଷ୍ୟ କରି ରେଳବାଇ ଉଭୟ ପକ୍ଷରୁ ଏହି ପ୍ରକଳ୍ପ ନିର୍ମାଣ କରୁଛି।

ରେଳ ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହେବା ବିଭିନ୍ନ କାରଣ ଉପରେ ନିର୍ଭର କରେ ଯେପରିକି ପ୍ରାଥମିକ ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଉଲ୍ଲଂଘନକାରୀ ଉପଯୋଗୀତା ସ୍ଥାନାନ୍ତର, ବିଭିନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଆଇନଗତ କ୍ଲିୟରାନ୍ସ, ଜଳବାୟୁ ପରିସ୍ଥିତି ବ୍ୟତୀତ ଅଞ୍ଚଳର ଭୌଗଳିକ ଏବଂ ଟପୋଗ୍ରାଫିକ୍ ସ୍ଥିତି ଇତ୍ୟାଦି ନିର୍ଭର କରିଥାଏ।

# ନକଲି ସସ୍ କାରଖାନା ଠାବ

**ଭୁବନେଶ୍ୱର,୨୩।୭ (ମହାଭାରତ):** ରାଜଧାନୀରୁ ନକଲି ସସ୍ କାରଖାନା ଠାବ। ଭୁବନେଶ୍ୱରର ଭୀମଟାଙ୍ଗି ସ୍ଥିତ ଏକ ନକଲି ସସ୍ କାରଖାନାରେ ଚଢାଉ କରିଛି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ। କାରଖାନାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ନକଲି ଟମାଟୋ ଓ ଚିଲି ସସ୍ ଜବତ କରିଛି ପୋଲିସ। ସସ୍ ଉପରେ ଅମ୍ରିତା କମ୍ପାନୀର ବୋଲି ଷ୍ଟିକର ମରା ଯାଇଛି କିନ୍ତୁ ସେଥିରେ କେବେ ତିଆରି ହୋଇଛି ଏବଂ ଏକ୍ସପାୟରୀ ତାରିଖ ଆଦି ସମ୍ପର୍କରେ କୌଣସି ସୂଚନା ଉଲ୍ଲେଖ ନାହିଁ । ସୂଚନା ଅନୁସାରେ, ଭୁବନେଶ୍ୱର ଭୀମଟାଙ୍ଗୀ ଅଞ୍ଚଳରେ ଥିବା ଏକ ନକଲି ସସ୍ କାରଖାନାରେ ଖାଦ୍ୟ ସୁରକ୍ଷା ବିଭାଗ ସହାୟତାରେ କମିଶନରେଟ ପୁଲିସର ସ୍ପେଶାଲ ସ୍କ୍ୱାଡ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ବିପୁଳ ପରିମାଣର ନକଲି ସସ, ରଙ୍ଗ, କଞ୍ଚାମାଲ, ସସ୍ ତିଆରି ମେସିନ ଆଦି ଜବତ କରିଛି ପୋଲିସ। ତେବେ ନାଳ ପାଣିରେ ଏହି ସସ୍ ସବୁ ତିଆରି ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ପୋଲିସ । ଏହି ଅଭିଯୋଗ ଆଧାରରେ ଆଜି ପୋଲିସ କାରଖାନାରେ ଚଢ଼ାଉ କରିଛି। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ଅଧିକ ପଚରାଉଚରା କରୁଛି ପୋଲିସ। ଫାକ୍ଟ୍ରି ସିଲ୍ କରି ଅଧିକ ତଦନ୍ତ ଜାରି ରଖିଛି ପୋଲିସ୍। ଖୁବ ଶୀଘ୍ର ଫାକ୍ଟ୍ରି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି ଡିସିପି ପ୍ରତିକ ସିଂ।



# ବିଜେପି ସରକାର ଚଳାଇବାରେ ଅକ୍ଷମ

**ଭୁବନେଶ୍ୱର,୨୩।୭ (ମହାଭାରତ):** ରାଜ୍ୟପାଳଙ୍କ ପୁଅ ଏଏସ୍ଓଙ୍କୁ ମାଡ଼ ମାରିବା ଘଟଣାରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ମଙ୍ଗଳବାର ଉଭୟ ବିଜେଡି ଓ କଂଗ୍ରେସ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିବା ଦେଖାଯାଇଛି। ତେବେ ଏନେଇ ବିଜେଡି ବିଧାୟକ ଅରୁଣ ସାହୁ ପ୍ରତିକ୍ରିୟା ରଖି ଭାଜପା ସରକାର ଚଳାଇବାରେ ଅକ୍ଷମ ବୋଲି କହିଛନ୍ତି। ଅରୁଣ କହିଛନ୍ତି, ଭାଜପା ନୂଆ କରି ସରକାରୀ ଦଳକୁ ଆସିଛି। ଏଣୁ ଠିକ୍ ଭାବେ ନିୟମ ଏବଂ ପ୍ରଣାଳୀ ଜାଣି ନାହାନ୍ତି, ଭଲ ଭାବେ ପଢ଼ନ୍ତୁ। ସରକାରୀ ଦଳର କାମ ହେଉଛି ବିଧାନସଭା ସୁରୁଖୁରୁରେ ଚଳାଇବା। ଏଥିଲାଗି ପ୍ରଥମେ ବ୍ୟବସାୟ ପରାମର୍ଶଦାତା କମିଟି ଗଠନ କରିବା କଥା। ତାହା ଗତକାଲିଠାରୁ ହୋଇ ନ ପାରିବା ଦୁଃଖ ଓ ପରିତାପର ବିଷୟ। କହିବାକୁ ଗଲେ ଭାଜପା ସରକାର ଚଳାଇବାରେ ଅକ୍ଷମ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଏଏସ୍ଓଙ୍କୁ ମାଡ଼ ମାରିବା ଘଟଣାରେ ରାଜ୍ୟପାଳଙ୍କ ପୁଅଙ୍କ ପ୍ରତି ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଛି।

# ୧୯୭ ଦାଦନ ଶ୍ରମିକ ପ୍ରାଣ ହରାଇଛନ୍ତି

**ଭୁବନେଶ୍ୱର,୨୩।୭ (ମହାଭାରତ):** ଗତ ୫ ବର୍ଷରେ ଓଡ଼ିଶାରୁ ବାହାର ରାଜ୍ୟକୁ କାମ କରିବାକୁ ଯାଇ ୧୯୭ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ସେହିପରି ବିଦେଶକୁ କାମ କରିବାକୁ ଯାଇ ୩୧ ଜଣଙ୍କ ଜୀବନ ଯାଇଛି। ତାମଧ୍ୟରୁ କେବଳ ୮ ଜଣଙ୍କ ମରଶରୀର ରାଜ୍ୟକୁ ଫେରିପାରିଛି। ବିଜେଡି ବିଧାୟକ ସନାତନ ମହାକୁଡଙ୍କ ଲିଖିତ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଗୃହରେ ଶ୍ରମ ମନ୍ତ୍ରୀ ରଖିଥିବା ଉତ୍ତର ଅନୁସାରେ, ବଲାଙ୍ଗୀରରୁ ସର୍ବାଧିକ ୨୧ ଜଣ ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଯାଇ ପ୍ରାଣ ହରାଇଛନ୍ତି।

# ବିନା ପଞ୍ଜୀକରଣରେ ଚାଲୁଥିବା ଗାଡ଼ି ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୩।୭ (ମହାଭାରତ):** ସଡ଼କ ଦୁର୍ଘଟଣା ହ୍ରାସ ଓ ଯାତ୍ରୀ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କଡ଼ାକଡ଼ି ନିୟମ ପାଳନ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ କ୍ରମେ ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ବିନା ଫିଟନେସ ଓ ପଞ୍ଜୀକରଣ ସାର୍ଟିଫିକେଟରେ ରାସ୍ତାରେ ଚାଲୁଥିବା ଗାଡ଼ିଗୁଡ଼ିକ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି । କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଏଣିକି ଗାଡ଼ିକୁ ଜବତ କରିବା, ମାମଲା ରୁଜୁ କରିବା ଭଳି ନିଷ୍ପତ୍ତି ନିଆଯାଇଛି । ସାରା ରାଜ୍ୟରେ ଫିଟନେସ ଓ ରେଜିଷ୍ଟ୍ରେସନ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକ କରିବାକୁ ସମସ୍ତ ଉପପରିବହନ ଆୟୁକ୍ତ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୮ ଅନୁଯାୟୀ, ବାଣିଜ୍ୟିକ ଗାଡ଼ିଗୁଡ଼ିକ ନିମନ୍ତେ ବୈଧ ପଞ୍ଜୀକରଣ ଓ ଫିଟନେସ ସାର୍ଟିଫିକେଟ ଏବଂ ଅଣବାଣିଜ୍ୟିକ ଗାଡ଼ିଗୁଡ଼ିକ ନିମନ୍ତେ ବୈଧ ପଞ୍ଜୀକରଣ(ରେଜିଷ୍ଟ୍ରେସନ) ସାର୍ଟିଫିକେଟ ବାଧ୍ୟତାମୂଳକ। ଏହା ନ ଥିଲେ ଗାଡ଼ି ରାସ୍ତାରେ ଚଳିବାକୁ ଅନୁମତିପ୍ରାପ୍ତ ନୁହେଁ। ବାରମ୍ବାର ସଚେତନତା ସତ୍ତ୍ୱେ କେତେକ ଗାଡ଼ି ମାଲିକ ଏହାର ଉଲ୍ଲଂଘନ କରୁଥିବା ଦୃଷ୍ଟିକୁ ଆସିଛି। ଏଭଳି ଗାଡ଼ିଗୁଡ଼ିକ ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟିବାର ନଜିର ମଧ୍ୟ ରହିଛି । ବୈଧ ଫିଟନେସ ଓ ପଞ୍ଜୀକରଣ ସାର୍ଟିଫିକେଟ ବିନା ଗଡୁଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଲେ ଇନସ୍ୟୁରାନ୍ସ କମ୍ପାନି ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ। ତେଣୁ ସଡ଼କ ସୁରକ୍ଷା ଦୃଷ୍ଟିକୋଣରୁ ଏଭଳି ଗାଡ଼ିଗୁଡ଼ିକୁ ନିୟନ୍ତ୍ରଣ କରିବା ଓ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି । ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନଅ ପଏଣ୍ଟ ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର ଜାରି କରାଯାଇଛି । ଏହି ନିର୍ଦ୍ଦେଶ ମୁତାବକ, ସମସ୍ତ ଗାଡ଼ିର ଫିଟନେସ ଓ ପଞ୍ଜୀକରଣ ବୈଧତା ସଂପର୍କରେ ନିୟମିତ ଭାବେ ସଂପୃକ୍ତ ଅଞ୍ଚଳର ମୋଟର ଯାନ ନିରୀକ୍ଷକମାନେ ତଥ୍ୟ ସଂଗ୍ରହ କରିବେ। ବୈଧତା ଶେଷ ହୋଇଥିବା ଗାଡ଼ିର ମାଲିକଙ୍କ ଠିକଣା ଓ ଯୋଗାଯୋଗ ନମ୍ବର ସହ ରିପୋର୍ଟ ପ୍ରସ୍ତୁତ କରାଯିବ । ଏଭଳି ଗାଡ଼ିଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯିବ। ଯଦି ବୈଧ ଫିଟନେସ ଓ ପଞ୍ଜୀକରଣ ସାର୍ଟିଫିକେଟ ନ ଥିବା ଯୋଗୁଁ ଧରାପଡ଼ନ୍ତି ତେବେ ମୋଟର ଯାନ ଆଇନ ୧୯୮୮ର ଧାରା ୨୦୭ ଆଧାରରେ ସଂପୃକ୍ତ ଗାଡ଼ିକୁ ଜବତ କରାଯିବ ଏବଂ ଇ-ଚଲାଣ ଜାରି କରାଯିବ। ଫିଟନେସ ଓ ପଞ୍ଜୀକରଣ ବୈଧତା ସରିଯାଇଥିବା ଗାଡ଼ିଗୁଡ଼ିକର ତଥ୍ୟ ପ୍ରତି ମାସ ଆରଟିଓମାନଙ୍କ ପକ୍ଷରୁ ବସ୍/ଟ୍ରକ୍/ଟ୍ୟାକ୍ସି ଆଦି ସଂଘଙ୍କୁ ପଠାଯିବ ଏବଂ ଏଭଳି ଗାଡ଼ିକୁ ସଂଘ ପକ୍ଷରୁ ଅନୁମୋଦିତ ନ କରିବାକୁ ଅନୁରୋଧ କରାଯିବ। ଆରଟିଓମାନେ ଏହି ତଥ୍ୟକୁ ଟୋଲ୍ ଗେଟ୍ କର୍ତ୍ତୃପକ୍ଷଙ୍କୁ ମଧ୍ୟ ପ୍ରଦାନ କରିବେ। ସଂପୃକ୍ତ ଗାଡ଼ିଗୁଡ଼ିକୁ ଟୋଲ୍ ଗେଟ୍ ଦେଇ ଯିବାକୁ ଅନୁମତି ନ ଦେବା ପାଇଁ ଅନୁରୋଧ କରାଯିବ। ଏହି ତଥ୍ୟକୁ ଶିକ୍ଷ ସଂସ୍ଥାଗୁଡ଼ିକୁ ମଧ୍ୟ ପ୍ରଦାନ କରାଯିବ। ଏଭଳି ବେଆଇନ ଗାଡ଼ିଗୁଡ଼ିକୁ ଚିହ୍ନଟ କରି ଶିକ୍ଷ ସଂସ୍ଥାରେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ ନ କରିବାକୁ ଜଣାଇ ଦିଆଯିବ। ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ଏହି ନିୟମ ଆହୁରି ଅଧିକ କଠୋରତାର ସହ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ କମିସନର । ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି କୌଣସି ଅବହେଳା ବରଦାସ୍ତ କରାଯିବ ନାହିଁ। ଫିଟନେସ କିମ୍ବା ପଞ୍ଜୀକରଣ ନ ଥିବା କୌଣସି ବି ଗାଡ଼ିକୁ ଶିକ୍ଷାନୁଷ୍ଠାନ ଅନୁବନ୍ଧିତ କରିଥିଲେ ଜରିମାନା, ଗାଡ଼ି ଜବତ ବ୍ୟତୀତ ସଂପୃକ୍ତ ଗାଡ଼ି ମାଲିକ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ତେଣୁ ଏଭଳି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ନହେବାକୁ ମୋଟରଯାନ ଆଇନର ସଠିକ୍ ଅନୁପାଳନ ପାଇଁ ସମସ୍ତ ଗାଡ଼ି ମାଲିକଙ୍କୁ ପରିବହନ କମିସନର ଶ୍ରୀ ଠାକୁର ଅନୁରୋଧ କରିଛନ୍ତି ।



# କେନ୍ଦ୍ର ବଜେଟକୁ ବିଜେଡିର ବିରୋଧ

**ଭୁବନେଶ୍ୱର,୨୩।୭ (ମହାଭାରତ):** କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିଛନ୍ତି। ୪୮,୨୦,୫୧୨ କୋଟି ଟଙ୍କାର ବଜେଟରେ ବିଭିନ୍ନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବା ସହ ମୋଦୀ ସରକାର ଚଳିତ ଏନଡିଏ ସରକାରରେ ମୁଖ୍ୟ ସହଯୋଗୀ ସାଜିଥିବା ଆନ୍ଧ୍ରପ୍ରଦେଶ ଓ ବିହାରକୁ ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିଛି। ହେଲେ ଚଳିତ ନିର୍ବାଚନରେ ଓଡ଼ିଶାବାସୀଙ୍କୁ ବହୁ ପ୍ରତିଶ୍ରୁତି ଦେଇ ମଧ୍ୟ ବିଜେପି ଓଡ଼ିଶା ପାଇଁ ସେମିତି କିଛି ଆଖିଦୃଶିଆ ଘୋଷଣା କରିନାହିଁ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖୀନ ହେଉଥିବା ଓଡ଼ିଶା ପୂର୍ବରୁ ବହୁବାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ନେଇ ଦାବି କରିଆସୁଛି। କିନ୍ତୁ କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଚଳିତ ଥର ବିଜେପି ଓଡ଼ିଶାରେ ସରକାର କରିବା ପରେ ଲୋକ ଭାବୁଥିଲେ, ରାଜ୍ୟ ପାଇଁ କେନ୍ଦ୍ର ସରକାର କିଛି ଭଲ ଘୋଷଣା କରିବେ। କିନ୍ତୁ ତାହା ହେଲା ନାହିଁ।

ଓଡ଼ିଶା ପ୍ରତି ବାରମ୍ବାର ଅବହେଳା କରାଯାଉଥିବାରୁ ଏହାର ପ୍ରତିବାଦ କରି ବିଜେଡି ସାଂସଦ ରାଜ୍ୟସଭାରେ କକ୍ଷତ୍ୟାଗ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ଓଡ଼ିଶାରୁ ୨୦ ବିଜେପି ସାଂସଦଙ୍କୁ ଜିତାଇଲେ ଓଡ଼ିଶାବାସୀ। କିନ୍ତୁ ମିଳିଲାନି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା। କେନ୍ଦ୍ରୀୟ ବଜେଟରେ ଓଡିଶାକୁ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ବିଜେଡି ସାଂସଦୟ ସାଂସଦ ସସ୍ମିତ ପାତ୍ର କହିଛନ୍ତି ଓଡିଶା, ଆନ୍ଧ୍ର ଓ ବିହାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦାବି କରୁଥିଲେ। ଚଳିତ ବଜେଟରେ ଆନ୍ଧ୍ର ଓ ବିହାରକୁ ସ୍ୱତନ୍ତ୍ର ଅତିରିକ୍ତ ସହାୟତା ପାଇଥିବା ବେଳେ ଓଡିଶାର ଦାବିକୁ କେନ୍ଦ୍ର ସରକାର ଅଣଦେଖା କରିଛନ୍ତି। ବିଜେଡିର ଅଭିଯୋଗ, ରାଜ୍ୟବାସୀ ୨୧ରୁ ୨୦ ବିଜେପି ସାଂସଦଙ୍କୁ ସଂସଦକୁ ପଠାଇବାର ଦଣ୍ଡ ପାଇଛନ୍ତି। ସେପଟେ କିନ୍ତୁ ବିହାର ଓ ଆନ୍ଧ୍ରକୁ ସରକାର ଗଠନରେ ବିଜେପିକୁ ସହଯୋଗ କରୁଥିବାରୁ ପୁରସ୍କାର ପାଇଛନ୍ତି। ସେହିପରି ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଓ ବଲାଙ୍ଗୀର ବିଧାୟକ କଳିକେଶ ସିଂଦେଓ ମଧ୍ୟ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଓଡ଼ିଶାର ଦାବିକୁ ମୋଦୀ ସରକାର ବାରମ୍ବାର ପଦାଘାତ କରୁଛନ୍ତି। ଆନ୍ଧ୍ରରୁ ୧୬, ବିହାରରୁ ୧୨ ଲୋକସଭା ସାଂସଦ ଥାଇ ବି ସେମାନଙ୍କୁ ସ୍ୱତନ୍ତ୍ର ଅନୁଦାନ ମିଳୁଛି।

# ବିରୋଧୀ ଦଳ ନେତାଙ୍କୁ ଗିରଫ କରାଯାଉ : ମୁକେଶ ମହାଲିଙ୍ଗ

**ଭୁବନେଶ୍ୱର,୨୩।୭ (ମହାଭାରତ):** ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗିରଫ ପାଇଁ ଦାବି କଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଗୃହ ଭିତରେ ବିଶୃଙ୍ଖଳା ସୃଷ୍ଟି କରିଥିବାରୁ ଆଜି ବିଧାନସଭାରେ ଦାବି କରିଛନ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଆଜି ରାଜ୍ୟପାଳଙ୍କ ଅଭିଭାଷଣ ବେଳେ ଗୃହରେ ବିଶୃଙ୍ଖଳା କରିଥିଲା ବିରୋଧି ବିଜେଡି। ବିଜେଡିର ଏହି କାଣ୍ଡ ପାଇଁ ବିରୋଧି ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ମନ୍ତ୍ରୀ।

ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ବିରୋଧୀ ଦଳ ନେତା ଗୃହର ନିୟମ ଭଙ୍ଗ କରିଛନ୍ତି। ମହାଲିଙ୍ଗଙ୍କ ଦାବିକୁ ହାସ୍ୟାସ୍ପଦ ବୋଲି କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ପୂର୍ବରୁ ଏଭଳି ଦାବି କରାଯିବାର କୌଣସି ନଜର ନାହିଁ ବୋଲି କହିଛନ୍ତି ଅରୁଣ। ଗତକାଲି ବିଧାନସଭା ଅଧିବେଶନର ପ୍ରଥମ ଦିନରେ ବିରୋଧୀ ଦଳ ବିଜେଡି ଗୃହ ତ୍ୟାଗ କରିଥିଲା। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ସିଟରୁ ଉଠି ବିଧାୟକଙ୍କ ସମେତ ରାଜ୍ୟପାଳଙ୍କ ଭାଷଣ ବେଳେ ଗୃହରୁ ଚାଲିଯାଇଥିଲେ। ସେହିପରି କଂଗ୍ରେସ ବିଧାୟକମାନେ ମଧ୍ୟ ଗୃହ ତ୍ୟାଗ କରିଥିଲେ। ଏହାପରେ ଗୃହ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ସେହିପରି ଆଜି ଏଏସଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ ମାରିବା ଘଟଣାକୁ ନେଇ ଗୃହରେ ନାରାବାଜି କରିଥିଲା ବିରୋଧୀ ବିଜେଡି । ପ୍ରଶ୍ନକାଳ ଆରମ୍ଭରୁ ହିଁ ହଟ୍ଟଗୋଳ ଆରମ୍ଭ କରିଥିଲା ବିଜେଡି।

# ବିଧାୟକ ଭବାନୀ ଭୋଇ ହେବେ ଉପ ବାଚସ୍ପତି

**ଭୁବନେଶ୍ୱର,୨୩।୭ (ମହାଭାରତ):** ସୁନ୍ଦରଗଡ଼ ଜିଲ୍ଲା ତଳସରା ବିଧାୟକ ଭବାନୀ ଭୋଇଙ୍କୁ ଉପ ବାଚସ୍ପତି ପ୍ରାର୍ଥୀ ଘୋଷଣା କରିଛି ବିଜେପି। ବିଧାନସଭା ସଚିବଙ୍କ ପାଖରେ ଭବାନୀ ଭୋଇ ଆଜି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ସମୟରେମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ଅର୍ଥାତ ଜୁଲାଇ ୨୪ ତାରିଖରେ ଉପ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ତେବେ ଏ ପର୍ଯ୍ୟନ୍ତ ବିରୋଧୀ ବିଜେଡି ଉପ ବାଚସ୍ପତି ପଦ ପାଇଁ କାହାକୁ ପ୍ରାର୍ଥୀ କରିନାହିଁ। ବିଜେଡି ଉପ ବାଚସ୍ପତି ପଦ ଲାଗି କେଣସି ପ୍ରାର୍ଥୀ ନ ଦେଲେ ଭବାନୀ ଭୋଇ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ନିଶ୍ଚିତ। ଭବାନୀ ଭୋଇ ତଳସରା ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଦୁଇ ଦୁଇ ଥର ବିଜେପି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ୨୦୧୯ରେ ଭବାନୀ ବିଜେଡି ବିଧାୟକ ପ୍ରାର୍ଥୀ ଷ୍ଟିଫେନ ଓ୍ୱିଲସନ ସୋରେଙ୍ଗଙ୍କୁ ପ୍ରାୟ ୧୫ ହଜାର ଭୋଟରେ ପରାସ୍ତ କରିଥିବା ବେଳେ ୨୦୨୪ରେ ମଧ୍ୟ ବିଜେଡି ପ୍ରାର୍ଥୀ ବିନୟ କୁମାର ଟପ୍ପୋଙ୍କୁ ପ୍ରାୟ ୧୭ ହଜାର ଭୋଟରେ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ।



# କେନ୍ଦ୍ରାପଡ଼ାରେ ଲମ୍ୟାନ୍ର ପ୍ରଥମ ଷ୍ଟୋର

**ଭୁବନେଶ୍ୱର,୨୩।୭ (ମହାଭାରତ):** କେଓ୍ୱାଲ କିରଣ କ୍ଲୋଦିଂ ଲିମିଟେଡ୍ (କେକେସିଏଲ୍)ର ଐତିହାସିକ ମେନସ୍ ସୁଲଭ ବିଳାସପୂର୍ଣ୍ଣ ଫ୍ୟାସନ୍ ବ୍ରାଣ୍ଡ 'ଲମ୍ୟାନ୍' ଆଜି ଓଡ଼ିଶା ବଜାରରେ ନିଜର ପାଦକୁ ଆହୁରି ସୁଦୃଢ଼ କରିବା ପାଇଁ ଦୃଢ଼ ଯୋଜନା ଘୋଷଣା କରିଛି। କେନ୍ଦ୍ରାପଡ଼ାର କେନ୍ଦ୍ରସ୍ଥଳରେ ଥିବା ଏହି ବ୍ରାଣ୍ଡ୍ ଏହାର ଷ୍ଟୋରକୁ ଉଦ୍‌ଘାଟନ କରିଛି। ସର୍ବବୃହତ ଏବଂ ଶ୍ରେଷ୍ଠ ମେନ୍ସ ଫ୍ୟାଶନ ଷ୍ଟୋର ସହିତ ସହରରେ ପ୍ରବେଶ କରିବା ଅବସରରେ ଲମ୍ୟାନ୍ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶା ରାଜ୍ୟରେ ୫୦ଟି ଷ୍ଟୋର ଯୋଡ଼ିବାକୁ ଯୋଜନା ରଖିଛି। ସ୍ମାର୍ଟ, ଷ୍ଟାଇଲିସ୍ ଏବଂ ଆରାମଦାୟକ ପୋଷାକ ପିନ୍ଧିବା ପାଇଁ ଓଡ଼ିଶାର ଫ୍ୟାଶନ ଫରଓ୍ୱାର୍ଡ ପୁରୁଷଙ୍କ ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲମ୍ୟାନଙ୍କ ଏହି ଦ୍ରୁତ ସମ୍ପ୍ରସାରଣ ଯୋଜନା ଆସିଛି । କେନ୍ଦ୍ରାପଡ଼ା ଦୁହୁରିଆ ଛକ ସ୍ଥିତ ରାଜ କିଶୋର ମାର୍କେଟ କମ୍ପ୍ଲେକ୍ସରେ ଥିବା ଲମ୍ୟାନ୍ସ ନୂଆ ଷ୍ଟୋରରେ ଶ୍ରେଷ୍ଠ ଟ୍ରେଣ୍ଡିଂ ଡିଜାଇନ୍, ନୂଆ ଯୁଗର କପଡ଼ା, ପୁରୁଷଙ୍କ କ୍ୟାଜୁଆଲ୍, ଓ୍ୱାର୍କ ଓ ପାର୍ଟି ପୋଷାକର ମାନ ବୃଦ୍ଧି କରାଯାଇଛି। ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଉପଯୁକ୍ତ ଏହି ଷ୍ଟୋରରେ ଦିନରୁ ରାତି ପର୍ଯ୍ୟନ୍ତ ଗ୍ରାହକଙ୍କ ଫ୍ୟାଶନ ପୋଷାକ ଯାତ୍ରାକୁ ଅନ୍ତର୍ଭୁକ୍ତ କରି ଏକ ସମ୍ପୂର୍ଣ୍ଣ ଓ୍ୱାର୍ଡ୍ରୋବ୍ ସମାଧାନ ପ୍ରଦାନ କରାଯାଇଥାଏ । ଷ୍ଟୋରରେ ସର୍ଟସ, ଟି-ସାର୍ଟ, ଜିନ୍ସ, କ୍ୟାଜୁଆଲ ସାର୍ଟ, କାଜୁଆଲ ପ୍ୟାଟ୍, କାର୍ଗୋ ଏବଂ ଟ୍ରାଭେଲ ପଙ୍କ୍ କୁ ନେଇ ଏକ ଟ୍ରେଣ୍ଡି ପୋଷାକ ଲାଇନ୍ ରହିଛି । କେଓ୍ୱାଲ କିରଣ କ୍ଲୋଦିଂ ଲିମିଟେଡ୍ର ନିର୍ଦ୍ଦେଶକ ଦିନେଶ ଜୈନ (ନିର୍ଦ୍ଦେଶକ) କହିଛନ୍ତି ଯେ "କେନ୍ଦ୍ରାପଡ଼ାରେ ଆମର ନୂଆ ଷ୍ଟୋର ଖୋଲିବା ନେଇ ଘୋଷଣା କରି ଆମେ ଆନନ୍ଦିତ। ଏହି ଲଞ୍ଚଆମର ଗ୍ରାହକମାନଙ୍କୁ ଟପ୍-ନୋଚ୍ ଫ୍ୟାଶନ୍ ସଲ୍ୟୁସନ୍ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୂଚିତ କରେ ।

# ଶଳା-ଭିଶୋଇ ଗ୍ୟାଙ୍ଗର ୩ ସଦସ୍ୟ ଗିରଫ

**ଭୁବନେଶ୍ୱର,୨୩।୭ (ମହାଭାରତ):** କମିଶନରେଟ ପୋଲିସ ହାତରେ ଶଳା-ଭିଣୋଇ ଗ୍ୟାଙ୍ଗ। କଟୁରୀ ଦେଖାଇ ଝାଂପୁଥିଲେ ଚେନ । ୩ ଲୁଟେରାଙ୍କୁ କାବୁ କଲା କମିଶନରେଟ ପୋଲିସ। ଅଭିଯୁକ୍ତମାନେ ହେଲେ ଗଣେଶ ପୂର୍ତ୍ତି, ଶଙ୍କର ଦାସ ଓ ସେକ ନିମୟାର ୟମର୍ନିଙ୍ଗ ଓ୍ୱାର୍କରେ ସକାଳୁ ଯାଉଥିବା ମହିଳାଙ୍କୁ କରୁଥିଲେ ଟାର୍ଗେଟ। ଲୁଟେରା ମାନଙ୍କ ନିକଟରୁ ବିଭିନ ସ୍ଥାନରୁ ଲୁଟ କରିଥିବା ୧୦ ଗୋଟି ଚେନ ଉଦ୍ଧାର କରାଯାଇଛି ।

ଯେଉଁଥିରେ ରହିଛି ମାତ୍ର ଚାରୋଟି ସୁନା ଚେନ। ଅନ୍ୟ ଚେନ ଗୁଡିକ ନକଲି ବୋଲି ପୋଲିସ ଜାଣିବାକୁ ପାଇଛି। ଶଳା ଓ ଭିଣୋଇ ଗତ ମେ ମାସରେ ଚୌଦ୍ୱାର ଜେଲରୁ ସାତ ବର୍ଷ ସଜା କାଟି ବାହାରିଥିଲେ। ଆଉ ଜେଲରୁ ବାହାରୁ ବାହାରୁ ଆରମ୍ଭ କରିଦେଇଥିଲେ ଲୁଟ। ଗୋଟିଏ ବାଇକରେ ଏମାନେ ସାଥି ହୋଇ ଆସୁଥିଲେ। ପାଖରେ ରଖିଥିବା ଏକ ବ୍ୟାଗରେ ରଖୁଥିଲେ ମାରଣାସ୍ତ୍ର। କୌଣସି ସ୍ଥାନରେ ଏକୁଟିଆ ମହିଳାଙ୍କୁ ଦେଖିଲେ କରୁଥିଲେ ଟାର୍ଗେଟ। ଏମାନଙ୍କ ମଧ୍ୟରୁ ଜଣେ ବାଇକ ଷ୍ଟାଟ କରି ପାଖରେ ରହୁଥିଲା। ଅନ୍ୟ ଦୁଇଜଣ ମାରଣାସ୍ତ୍ର ଧରି ଲୋକଙ୍କୁ କରୁଥିଲେ ଲୁଟ। ସିସିଟିଭି ଫୁଟେଜ ଦେଖିବା ପରେ ଏମାନଙ୍କ ସମ୍ପର୍କରେ ସୂଚନା ପାଇଥିଲା ପୋଲିସ।

ଭିଣୋଇ ଗଣେଷ ନାଁରେକମିସନରେଟ ପୋଲିସ ଅଧିନରେ ରହିଛି ୪୦ ରୁ ଅଧିକ ଲୁଟ ମାମଲା। ସେହିଭଳି ଶଳା ଶଙ୍କର ନାଁରେ ମଧ୍ୟ କମିସନରେଟ ପୋଲିସର ବିଭିନ୍ନ ଥାନାରେ ରହିଛି ୩୦ ରୁ ଅଧିକ ଲୁଟ ମାମଲା। ସେହିଭଳି ଏମାନଙ୍କ ଗ୍ୟାଙ୍ଗରେ ଯୋଗ ଦେଇଥିବା ସେଖ ନିୟାମତ ନାଁରେ ରହିଛି ୩ ଟି ଲୁଟ ମାମଲା।



# ସନ୍‌ଷ୍ଟୋନର ଗ୍ରାଉଣ୍ଡବ୍ରେକିଂ ପ୍ଲେସମେଟ୍ ଆକାଉଟେବିଲିଟି ପ୍ରୋଗ୍ରାମ (ପିଏପି) ଛାତ୍ରଛାତ୍ରୀ ମାନଙ୍କୁ ଉତମ ଶିକ୍ଷା ପ୍ରଦାନ କରିଛି

**ଭୁବନେଶ୍ୱର,୨୩।୭ (ମହାଭାରତ):** ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ପ୍ରସ୍ତୁତ ହୋଇଥିବା ଅଭିନବ ପ୍ଲେସମେଟ ଆକାଉଟେବିଲିଟି ପ୍ରୋଗ୍ରାମ (ପିଏପି)ର ଶୁଭାରମ୍ଭ କରି ସନ୍‌ଷ୍ଟୋନ୍ ଗର୍ବ ଅନୁଭବ କରୁଛି। ସମଗ୍ର ଭାରତରେ ୩୫ରୁ ଅଧିକ କଲେଜ ଏବଂ ବିଶ୍ୱବିଦ୍ୟାଳୟ ସହ ଭାଗିଦାରୀରେ, ସନଷ୍ଟୋନ୍ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତିଦାତାଙ୍କ ନିକଟରେ ଥିବା ପେସାଦାରରେ ପରିଣତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଆଜିର ଦ୍ରୁତ ବିକଶିତ ଦୁନିଆରେ ଶିକ୍ଷାକୁ ତାତ୍ତ୍ୱିକ ଶିକ୍ଷାକୁ ଅତିକ୍ରମ କରି ବ୍ୟବହାରିକ ଅନୁଭୂତିକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ଯାହା ସିଧାସଳଖ ମୂଲ୍ୟବାନ ଚାକିରି ସୁଯୋଗରେ ପରିଣତ ହୁଏ । ଶିକ୍ଷାକୁ ଅଧିକ ଉତରଦାୟୀ ଓ ଫଳାଫଳ ଭିର୍ତିକ କରିବାର ଦୃଢ଼ ଆବଶ୍ୟକତା ରହିଛି। ସନ୍‌ଷ୍ଟୋନ୍ ସ୍କୁଲ, ଅଫ୍ ମ୍ୟାନେଜମେଟ୍ (ଏସ୍ ଏସ୍ ଏମ୍ ) ଏବଂ ସନ୍‌ଷ୍ଟୋନ୍ ସ୍କୁଲ୍ ଅଫ୍ ଟେକ୍ନୋଲୋଜି (ଏସ୍ଏସ୍ଟି) ଜରିଆରେ ପ୍ରଦାନ କରାଯାଉଥିବା ପ୍ଲେସ୍‌ମେଟ୍ ଆକାଟେବିଲିଟି ପ୍ରୋଗ୍ରାମ୍ ଜରିଆରେ ସନ୍‌ଷ୍ଟୋନ୍ ଏହି ପରିବର୍ତ୍ତନକୁ ଅଗ୍ରଣୀ କରୁଛି। ଟେକ୍ନୋଲୋଜି, ଫାଇନାନ୍ସ, ମାର୍କେଟିଂ, ଅପରେସନ୍ ଏବଂ ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ ସନ୍‌ଷ୍ଟୋନ୍ ଛାତ୍ରଛାତ୍ରୀମାନେ ୧୨୦୦ରୁ ଅଧିକ ନିଯୁକ୍ତିଦାତା ଏବଂ ୩୦୦୦ରୁ ଅଧିକ ଅନନ୍ୟ ଚାକିରି ଭୂମିକା ହାସଲ କରିଛନ୍ତି, ଯାହା ଦ୍ୱାରା ସେମାନେ ସେମାନଙ୍କ ଦକ୍ଷତା ଏବଂ ଆକାଂକ୍ଷା ଅନୁଯାୟୀ ଭୂମିକା ପାଇପାରିବେ। ସନ୍‌ଷ୍ଟୋନର ସହ-ପ୍ରତିଷ୍ଠାତା ତଥା ସିଇଓ ଅଙ୍କୁର ଜୈନ ଗୁରୁତ୍ୱାରୋପ କରି କହିଛନ୍ତି, "ଆମର ଲକ୍ଷ୍ୟ ହେଉଛି ଅସାଧାରଣ ଶିକ୍ଷଣ ଅନୁଭୂତି ପ୍ରଦାନ କରିବା ଏବଂ ସମଗ୍ର ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାକୁ ଉତରଦାୟୀ କରିବା । ପ୍ଲେସମେଟ୍ ଆକାଉଟିବିଲିଟି ପ୍ରୋଗ୍ରାମ ହେଉଛି ଶିଳ୍ପର ସବୁଠାରୁ ଛାତ୍ର-ଅନୁକୂଳ ନିଯୁକ୍ତି ନୀତି, ଯାହା ଛାତ୍ରଛାତ୍ରୀଙ୍କ ସଫଳତା ପ୍ରତି ସନ୍‌ଷ୍ଟୋନ୍ ସମର୍ପଣ ପ୍ରଦର୍ଶନ କରେ । ୫,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସ୍ଥାନ ଦେବାର ଟ୍ରାକ୍ ରେକର୍ଡ ସହ ସନଷ୍ଟୋନ୍ ଭାରତର କର୍ମକ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତିବଦ୍ଧ।"

# ହେମନ୍ତ ପୁଣି ମୁଖ୍ୟମନ୍ତ୍ରୀ

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଜାମିନ ପାଇ ଜେଲରୁ ମୁକୁଳିବା ପରେ ଏବେ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏହାକୁ ମିଶାଇ ହେମନ୍ତ ତୃତୀୟ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରିଛନ୍ତି। ଗତ ଜାନୁଆରୀ ୩୧ରେ ସେ ଇଡି ଦ୍ୱାରା ଜମି ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗରେ ଗିରଫ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ଜେଏମଏମର ବରିଷ୍ଠ ନେତା ଚମ୍ପାଇ ସୋରେନ ହୋଇଥିଲେ ମୁଖ୍ୟମନ୍ତ୍ରୀ। ହେମନ୍ତ ଗତ ମାସ ୨୮ରେ ହାଇକୋର୍ଟରୁ ଜାମିନ ପାଇ ଜେଲରୁ ମୁକୁଳିବା ପରେ ଚମ୍ପାଇ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହାକୁ କହନ୍ତି ଗଣତନ୍ତ୍ର ପ୍ରତି ଉପହାସ। ଜେଏମଏମ ବିଧାୟକ ଦଳର କିଏ ନେତା ହେବ, ତାହା ସେହି ଦଳର ଆଭ୍ୟନ୍ତରୀଣ ବ୍ୟାପାର। ସେଥିରେ କେହି କିଛି ଆପତ୍ତି ବା ମନ୍ତବ୍ୟ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ହେମନ୍ତ କେବଳ କୋର୍ଟରୁ ଜାମିନ ପାଇଛନ୍ତି। ସେ ଦୋଷମୁକ୍ତ ହୋଇ ନାହାଁନ୍ତି। କାଲି ଯଦି ସିବିଆଇ ତାଙ୍କୁ ପୁନର୍ବାର ଗିରଫ କରିବ ତେବେ ସେ କ'ଣ ପୁନର୍ବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଆଉ କାହାକୁ ଡମି ମୁଖ୍ୟମନ୍ତ୍ରୀ କରିବେ? ଦେଶର ଅଧିକାଂଶ ଆଞ୍ଚଳିକ ଦଳ ଗୋଟିଏ ଗୋଟିଏ ପରିବାର ଦ୍ୱାରା ପରିଚାଳିତ ଏବଂ ଏହିସବୁ ଦଳର ନେତୃତ୍ୱ କେବଳ ସେହି ପରିବାରର ବ୍ୟକ୍ତି ହିଁ ନେଇପାରିବେ। ସମାଜବାଦୀ ପାର୍ଟୀ କହିଲେ ଅଖିଳେଶ ଯାଦବ, ବିଏସପି କହିଲେ ମାୟାବତୀ, ଟିଏମସି କହିଲେ ମମତା ବାନାର୍ଜୀ, ଆରଜେଡି କହିଲେ ଲାଲୁ ଯାଦବଙ୍କ ପରିବାର, ଜେଡିଏସ କହିଲେ ଦେବଗୌଡ଼ାଙ୍କ ପରିବାର, ଟିଡିପି କହିଲେ ଚନ୍ଦ୍ରବାବୁ ନାଇଡୁ, ଏନସିପି କହିଲେ ଶରଦ ପାୱାରଙ୍କ ପରିବାର, ବିଆରଏସ କହିଲେ କେ ଚନ୍ଦ୍ରଶେଖର ରାଓ, ଡିଏମକେ କହିଲେ ଏମ କେ ଷ୍ଟାଲିନ ବା କରୁଣାନିଧିଙ୍କ ପରିବାରକୁ ବୁଝାଉଛି। କଂଗ୍ରେସଠାରୁ ଏହିସବୁ ଦଳ ଏପରି ପରିବାରବାଦ ଶିଖିଛନ୍ତି। ଏଥିପାଇଁ ସେମାନଙ୍କୁ ଦୋଷ ଦେବାର ଯଥାର୍ଥତା ନାହିଁ। ଆମେ ସାଧାରଣ ମତଦାତା ମାନେ ସେମାନଙ୍କୁ ଭୋଟ ଦେଉଛୁ। ସମ୍ପୃକ୍ତ ଦଳର ପରିବାରବାଦକୁ ପରୋକ୍ଷରେ ସମର୍ଥନ କରୁଛୁ। ତେଣୁ ଭାରତୀୟ ରାଜନୀତିରେ ଏଭଳି ନୈତିକତାହୀନ ରାଜନୀତି କାୟା ବିସ୍ତାର କରିଚାଲିଛି। ଜେଏମଏମ ମଧ୍ୟ ଏହି ତାଲିକାରେ ରହିଛି। ଶିବୁ ସୋରେନ ଏହି ଦଳର ପ୍ରତିଷ୍ଠାତା। ସେ ଝାଡ଼ଖଣ୍ଡର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପରେ ତାଙ୍କ ପୁଅ ହେମନ୍ତ ସୋରେନ ଦଳର ନେତୃତ୍ୱ ନେବା ସହିତ ମୁଖ୍ୟମନ୍ତ୍ରୀ ହେଲେ। ଯେତେବେଳେ ହେମନ୍ତ ସୋରେନ ଜେଲ ଗଲେ ସେତେବେଳେ ଶୁଣାଗଲା ତାଙ୍କ ପତ୍ନୀ କଳ୍ପନା ସୋରେନ ମୁଖ୍ୟମନ୍ତ୍ରୀ ହେବେ। କୌଣସି ପ୍ରକାରେ ଏହି ପ୍ରସ୍ତାବ କାଟ ଖାଇଗଲା। ଶେଷରେ ଚମ୍ପାଇ ସୋରେନ ହେଲେ ମୁଖ୍ୟମନ୍ତ୍ରୀ। ଏବେ ସେ ମାଲିକଙ୍କ ପାଇଁ ଆସନ ଛାଡ଼ିଦେଲେ। କିନ୍ତୁ ଏହା କେତେଦିନ ଚାଲିବ? ପଞ୍ଜାବରେ ପ୍ରକାଶ ସିଂହ ବାଦଲଙ୍କ ଦ୍ୱାରା ପ୍ରତିଷ୍ଠିତ ଶିରୋମଣୀ ଅକାଳି ଦଳ ଗତ ନିର୍ବାଚନରେ ପରାଜିତ ହେବା ପରେ ଦଳ ଭିତରେ ସୁଖବୀର ବାଦଲଙ୍କ ବିରୋଧରେ ବିଦ୍ରୋହର ସ୍ୱର ଉଠିଛି। ସୁଖବୀର ହେଉଛନ୍ତି ପ୍ରକାଶ ସିଂହ ବାଦଲଙ୍କ ପୁଅ। ପ୍ରକାଶ ସିଂହ ବାଦଲଙ୍କ ଦେହାନ୍ତ ପରେ ଦଳ ଏବେ ସୁଖବୀରଙ୍କ ନିୟନ୍ତ୍ରଣରେ ରହିଛି। କିନ୍ତୁ ତାଙ୍କ ନେତୃତ୍ୱକୁ ରାଜ୍ୟବାସୀ ଗ୍ରହଣ କରିପାରୁନାହାଁନ୍ତି। ସେଥିପାଇଁ ଲଗାତର ଦୁଇ ଦୁଇଟି ନିର୍ବାଚନରେ ଦଳକୁ ପରାଜୟର ସାମନା କରିବାକୁ ପଡ଼ିଲା। ଏବେ ଦଳର ଅନେକ ନେତା ଅକାଳି ଦଳର ପରାଜୟ ନିମନ୍ତେ ସୁଖବୀରଙ୍କ ନେତୃତ୍ୱକୁ ଦାୟୀ କରୁଛନ୍ତି ଏବଂ ନେତୃତ୍ୱ ପରିବର୍ତ୍ତନ ଲାଗି ସ୍ୱର ଉତ୍ତୋଳନ କରୁଛନ୍ତି।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

" ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା। ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା।

॥ ସୌମେନ୍ଦ୍ର ଜେନା ॥

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି। ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଚୋରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା। ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି। ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି। ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି। ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ। ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ। ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା। ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି। ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା। ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି, ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ। ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ। ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ। ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ୍ୟ ହୋଇଥିବା କଥା କୁହାଯାଉଛି। ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା। ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ୍ୟ ପ୍ରକାଶ ପାଇଥିଲା। ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା। ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ। ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା। ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା। ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ। କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି। ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍‌କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ। ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ। ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ। ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି। ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ୍ୟ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି। ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି।

ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା। ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା। ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି। ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

# ରିଲ୍ସ ନିଶାରେ ଚାଲି ଯାଉଛି ଜୀବନ

॥ ଡାକ୍ତର ସମ୍ରାଟ କର ॥

ସକାଳୁ ବର୍ଷା ଲାଗିରହିଥିବାବେଳେ ସାମ୍ନାପଟ ଚା ଦୋକାନୀ କେଶବ ବଡ଼ ପାଟି କରି ଆମ ଘର ଭିତରକୁ ଚାଲି ଆସିଲା। କହିଲା ସାର ସବୁ ଓଲଟ ପାଲଟ ହୋଇଗଲା, ସେ କହିଲା ତାର ଜଣେ ସାନ ଭାଇ ଗତକାଲି ଛାତ ଉପରେ ରିଲ୍ସ ତିଆରି କରୁ କରୁ ତଳକୁ ଗଳି ପଡ଼ି ଗୁରୁତର ହୋଇଯାଇଛି ଏବେ ସେ ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ପଡ଼ିଛି। ମୁଁ ତାକୁ କହିଲି ସାମାନ୍ୟ ଅସାବଧାନରୁ ଏହି ରିଲ୍ସ ନିଶାରେ ଜଣେ ବିଏସଏଫ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୂଲ୍ୟବାନ ଜୀବନ ଚାଲିଯାଇଛି। ଗଞ୍ଜାମ ଧରାକୋଟ ଥାନା ନରଡ଼ା ବିଲିରୁ ଏଭଳି ସ୍ତବ୍ଧ କରିଦେବା ଭଳି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସୋସିଆଲ ମିଡ଼ିଆ ଭୂତ ଗ୍ରାସିଥିବା ଯୁବପିଢ଼ିଙ୍କ ଅଭିଭାବକଙ୍କ ନିଦ ହଜାଇଛି। ଏଭଳି ବିପଦଜନକ ରିଲ୍ସ ରାଜ୍ୟର ବୁଦ୍ଧିଜୀବୀ ଓ ସଚେତନ ଚିନ୍ତାଶୀଳ ନାଗରିକ ମାନଙ୍କ ଉଦବେଗ ବଢ଼ାଇ ଦେଇଛି।

କିଛି ଦିନ ତଳେ କଟକ ରେଳ ଷ୍ଟେସନର କିଛି ଦୂର ସାମ୍ନାରୁ ଆସୁଥିବା ଏକ ରେଳଗାଡ଼ିର କିଛି ଦୂର ଆଗରେ ରେଳ ଲାଇନରେ ଦୁଇ ଯୁବକ ଏହି ରିଲ୍ସ କରୁଥିବା ସମୟରେ ଗିରଫ ହୋଇଥିଲେ। ଖାଲି ଜିତେନ୍ଦ୍ର କାହିଁକି ପୂର୍ବରୁ ଏମିତି ପୁଳା ପୁଳା ଅଘଟଣ ମିଳିଯିବ, ଯେଉଁଥିରେ ରିଲ୍ସ ନିଶାରେ ଅନେକ ଜୀବନକୁ ବାଜିରେ ଲଗାଉଛନ୍ତି। କିଛିଙ୍କ ମୂଲ୍ୟବାନ ଜୀବନ ଅଚିରେ ଝଡ଼ି ଯାଉଛି। ଆଉ କିଛି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଉଛନ୍ତି। ଅନେକ ବିପଦଜନକ ବାଇକ ଷ୍ଟଣ୍ଟ ଦେଖାଉଛନ୍ତି। ପାହାଡ଼ ଶିଖରରେ ଚଢ଼ି ଭିଡ଼ିଓ ବନାଉଛନ୍ତି। ରିଲ୍ସ ପାଇଁ ପଶୁପକ୍ଷୀଙ୍କୁ ହଇରାଣ କରୁଛନ୍ତି। ଅଥବା ଜୀବନରୁ ମାରି ଦେଉଛନ୍ତି। ଏମିତିକି କିଛି ବିପଦଜନକ ରିଲ୍ସ ଯୋଗୁଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ଏଭଳି ବିପଦଜନକ ରିଲ୍ସ ବନାଇବା ବର୍ତ୍ତମାନ ଅନେକଙ୍କ ସଉକ ପାଲଟିଛି।

୨୦୨୧ ଜାନୁଆରୀ ୩ ତାରିଖ। ବିପଦଜନକ ଭାବେ ସେଲ୍ଫିଂ ନେଉଥିବା ବେଳେ ନିରୁପମା ପ୍ରଜାପତି ଝାରସୁଗୁଡ଼ା କୁନକୁଣ୍ଡ ନଦୀ ସୁଅରେ ଭାସି ପ୍ରାଣ ହରାଇଥିଲେ। ଗତ ଫେବୃଆରୀ ୧୩ରେ ନବରଙ୍ଗପୁର ରାଇଘର ସରକାରୀ ଉଚ୍ଚବିଦ୍ୟାଳୟର ଏକ ରିଲ୍ସ ଭାଇରାଲ ହୋଇଥିଲା। ଜଣେ ସ୍କୁଲ ଛାତ୍ର ସ୍କୁଲ ଛାତରୁ ଆରପାର୍ଶ୍ୱ ଆଜବେଷ୍ଟସକୁ ଡେଇଁ ଷ୍ଟଣ୍ଟ ଦେଖାଉଥିଲେ। ତଳେ ପଡ଼ି ଆହତ ବି ହେଲେ।

ବାସ୍ତବ କଥା ହେଉଛି କେହି ଜାଣିଶୁଣି ଏମିତି ଭୁଲ କରେନି। ରାତାରାତି ଷ୍ଟାର ବନିଯିବା ନିଶା ଓ ୟୁଟ୍ୟୁବରୁ ପ୍ରବଳ ରୋଜଗାର ଲୋଭ ଏମାନଙ୍କୁ ଗ୍ରାସିଥାଏ। ଅନଲାଇନ ଗେମିଂରେ ଆତ୍ମହତ୍ୟା କରୁଥିବା ଓ ବିନା କାରଣରେ ପାଗଳଙ୍କ ଭଳି ହାତ କାଟି ଦେଉଥିବା ଇମୋସନାଲ ଅନଷ୍ଟେବଲ ପରସୋନାଲିଟି ଡିଜଅର୍ଡ଼ର ଭଳି ମାନସିକ ରୋଗୀଙ୍କ ସହ ଏମାନଙ୍କ ଲକ୍ଷଣ ପ୍ରାୟତଃ ସମାନ। ଏଭଳି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ସେମାନଙ୍କ ପରିବାର କିମ୍ବା ନିକଟତମ ଲୋକ ସଚେତନ କରାଇବା ଉଚିତ। ରାତାରାତି ସୀମିତ ଉଦ୍ୟମ ଓ ସମ୍ବଳରେ ପ୍ରତିଷ୍ଠିତ ହେବା ସହ ନିଜ ସାଙ୍ଗସାଥିଙ୍କ ମହଲରେ ଦେଖେଇ ହେବାର ପ୍ରବଣତା ଓ ଏହାକୁ ୟୁଟ୍ୟୁବରେ ଅପଲୋଡ କରି ରାତାରାତି ଧନୀ ହୋଇଯିବାର ନିଶା ମଧ୍ୟ ଏକ କାରଣ ରହୁଛି।

ତେବେ ସବୁଠାରୁ ବଡ଼ ବିପଜ୍ଜନକ ଦିଗ ହେଉଛି ନିଶାଗ୍ରସ୍ତ ହୋଇ ଏହି କାର୍ଯ୍ୟରେ ଲିପ୍ତ ହେବା କାରଣ ନିଶା ସେବନ କରିବା ପରେ ଜଣେ ସାମୂହିକ ଭାବେ ଦେହଗତ କ୍ଷେତ୍ରରେ କିଛି ଉତ୍ତେଜନା ପାଇଥାଏ। ଯାହାକି ସେମାନଙ୍କୁ ଏପରି ଦୁର୍ବାର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ। ରିଲ୍ସ ପରି ସେଲଫି ମାନିଆ ମଧ୍ୟ ଏକ ପ୍ରକାର ବିକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି କାର୍ଯ୍ୟ ଭାରତ ବାହାରେ ହେଉଥିଲେ ମଧ୍ୟ ସେଠାକାର ଆଇନରେ ଏ ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି ଏବଂ ରିଲ୍ସ ବନାଇବା ପାଇଁ ମଧ୍ୟ ଏକ କ୍ଷେତ୍ର ରହିଛି। ଏହି ରିଲ୍ସ ବନାଇବାରେ କେତେକ କ୍ଷେତ୍ରରେ ଅଭିଭାବକଙ୍କ ଦୋଷ ମଧ୍ୟ ନଜରକୁ ଆସିଥାଏ କାରଣ ଆଜିକାଲି ସମସ୍ତଙ୍କ ହାତରେ ଉଚ୍ଚ ପ୍ରଯୁକ୍ତି ବିଦ୍ୟାର ଦାମୀ ମୋବାଇଲ ରହିଛି। ଏବଂ କେତେକ ଅଭିଭାବକ ସେମାନଙ୍କ ଛୋଟ ପିଲାଙ୍କୁ ଆକର୍ଷଣୀୟ ଓ ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ ବା ମୋବାଇଲ ଫୋନରେ ସର୍ବଶେଷ ଫଟୋ ସୁଟ କରି ଅନ୍ୟମାନଙ୍କୁ ପଠାଇବା ପାଇଁ ପ୍ରେରିତ କରିଥାନ୍ତି। ପରବର୍ତ୍ତୀ ସମୟରେ ଏହା ପିଲାଟିର ବୟସ ବୃଦ୍ଧି ହେବା ସହ ଏଥିପ୍ରତି ଆସକ୍ତି ମଧ୍ୟ ବଢ଼ିଥାଏ। ଏହା କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ମଧ୍ୟ ନେଇଥାଏ। ପ୍ରେମ କ୍ଷେତ୍ର ହେଉ ବା ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁତା ସବୁକିଛି ତୁଚ୍ଛ ହୋଇଯାଇ ଏହା ଅସାମାଜିକ ଭାବନାକୁ ବଢ଼ାଇ ଦେଇଥାଏ। ଜନୈକ ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିପଦଜନକ ରିଲ୍ସ ବନାଇବା ବେଳେ କାହାରିକୁ ସାବାଡ଼ କରି ହେବନି। କିନ୍ତୁ ବିରି ମାଡ଼ ଦେଖି କୋଳଥ ଚେପା ଉକ୍ତି ଭଳି ପଦକ୍ଷେପ ନେବାକୁ ପଡ଼ିବ। ସୋସିଆଲ ମିଡ଼ିଆରେ ବିପଦଜନକ ରିଲ୍ସ ଭିଡ଼ିଓ ଦେଖିବା ମାତ୍ରେ ସମ୍ପୃକ୍ତ ଆଡ଼ମିନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ସାଇବର ପୁଲିସ ଏ ଦିଗରେ ଧ୍ୟାନ ଦେଉ। ପୁଲିସର ଏକ ସ୍ୱତନ୍ତ୍ର ଟିମ ଫେସବୁକ, ୟୁଟ୍ୟୁବ ଓ ଇନଷ୍ଟାଗ୍ରାମରେ ରୀତିମତ ନଜର ରଖି ଅମାନିଆଙ୍କୁ ଖୋଜି ବାହାର କରୁ। ବିପଦଜନକ ରିଲ୍ସ ଟ୍ରେଣ୍ଡ ଆପେ କମିଯିବ। ଏମିତି ନୁହେଁ ଯେ, ଓଡ଼ିଶା ପୁଲିସ କିଛି ପଦକ୍ଷେପ ନେଉନି। ଗତ ମାର୍ଚ୍ଚ ମାସରେ ଟୁଇଟ କରିଥିଲା ରାଜ୍ୟ ପୁଲିସ। ରେଳଧାରଣା, ପାହାଡ଼ ଓ ଗଭୀର ପାଣି, ଘାଟି ଭଳି ବିପଦପୂର୍ଣ୍ଣ ଜାଗାରେ ରିଲ୍ସ ନ କରିବାକୁ ପରାମର୍ଶ ଦେଇଥିଲା। କମିଶନରେଟ ପୁଲିସ ମଧ୍ୟ ଏଭଳି ଉତ୍ପାତିଆଙ୍କ ବିରୋଧରେ ଫତୱା ଜାରି କରିଥିଲା। ସୋସିଆଲ ମିଡ଼ିଆରେ ଭୟଙ୍କର ରିଲ୍ସ ଦେଖାଇ ଆତଙ୍କ ଖେଳାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଚେତାଇଥିଲା। ଏ କ୍ଷେତ୍ରରେ ବାପା ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରାଥମିକ ଭାବେ ପିଲାମାନଙ୍କୁ ମୋବାଇଲ ବ୍ୟବହାର କରିବା ପାଇଁ ଦେଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ପିଲା କେଉଁ ସାଇଟକୁ ଯାଉଛି, କ'ଣ ଦେଖୁଛି, କେତେ ସମୟ ବିତାଉଛି ଏବଂ ଏହାକୁ ନେଇ ତାର ବ୍ୟବହାରିକ ଓ ଆଚରଣଗତ ପରିବର୍ତ୍ତନ କ'ଣ ହେଉଛି ନଜର ରଖିବା ଜରୁରୀ। ଯଦି ପରବର୍ତ୍ତୀ ସମୟରେ ପିଲାଟି ଏଥିରେ ଅଭ୍ୟସ୍ତ ହୋଇଯାଉଛି ବା ଯେଉଁମାନେ ବି ଘଣ୍ଟା ଘଣ୍ଟା ଏପରି ବିପଦଜନକ ରିଲ୍ସ ତିଆରି କରୁଛନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ଓ ପରାମର୍ଶ ଦରକାର। ସେମାନେ କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କ ଠାରୁ ଥେରାପି ବି ନେଇପାରିବେ। ଅଭଭାବକମାନେ ଏ ନେଇ ଅଧିକ ବ୍ୟତିବ୍ୟସ୍ତ ନ ହୋଇ ପିଲାଟିକୁ ସ୍ୱାଭାବିକ ଜୀବନ ଅତିବାହିତ କରିବା ପାଇଁ ବା ଜଣକୁ ଏହି ନିଶାରୁ ନିବୃତ୍ତ କରିବା ପାଇଁ ତାକୁ ଉଚିତ ପରାମର୍ଶ ଦିଅନ୍ତୁ, ତା ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ମା, ମିଲେଟ ଓ ମିଶନ୍ ଶକ୍ତି

॥ ଡ଼ି ଶୁଭମ୍ ॥

ଓଡ଼ିଶା ଏବେ ବିକାଶର ଗାଥା ଗାଉଛି। ଆମ ରାଜ୍ୟ ଓଡ଼ିଶା- ଯେଉଁଠି ମାଟି ବି ବୀରତ୍ୱର କଥା କହେ, ପବନରେ ସଂଗ୍ରାମର ଇତିହାସ ବହେ। ଏ ମାଟି ଉଦ୍ୟୋଗର ମାଟି। ଏ ମାଟି ଉଦ୍ୟୋଗୀର ମାଟି। ଆଉ ଏ ମାଟି ମିଶନର ମାଟି। ଆଉ ଆଜି ଏ ମାଟିରେ ମିଶନ୍ ଶକ୍ତି ଠୁ ଆରମ୍ଭ କରି ମିଲେଟ ଯାଏଁ ସବୁ ଏକ ବୃହତ୍ତର ମିଶନରେ ପରିଗଣିତ ହୋଇଛନ୍ତି। ଆପଣ ଅଶୀ ନବେ ଦଶକ କୁ ଯଦି ଫେରିଯିବେ ଲକ୍ଷ୍ୟ କରିପାରିବେ, ସେତେବେଳେ ମା' ମାନଙ୍କର ଭୂମିକା ଉଦ୍‌ଯୋଗ କ୍ଷେତ୍ରରେ ଏତେଟା ନଥିଲା। କିନ୍ତୁ ଏବେ ଆପଣ ଓଡ଼ିଶାର ରୂପାନ୍ତରଣକୁ ଲକ୍ଷ୍ୟ କରନ୍ତୁ। ଆଜି ମା' ମାନେ ଉଦଯୋଗୀ। ଆଜି ମା' ମାନେ କେବଳ ପଲ୍ଲୀ ଠାରୁ ଦିଲ୍ଲୀ ନୁହେଁ ବରଂ ଦେଶ ବିଦେଶରେ ଯାତ୍ରା କରି ନିଜ ଉଦ୍‌ଯୋଗର କଥା ପହଁଚାଇଛନ୍ତି। ଆଉ ଆମ ମା' ମାନଙ୍କୁ ଆଜି ଶକ୍ତି ଯୋଗାଉଛି ମିଶନ୍ ଶକ୍ତି। ରାଜ୍ୟ ସରକାରଙ୍କ ଏକ ବିକଶିତ ପରିକଳ୍ପନା ହେଉଛି ମିଶନ ଶକ୍ତି। ଯେଉଁଠାରେ ମା' ମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆଜି ମିଶନଶକ୍ତି ମାଧ୍ୟମରେ ମା' ମାନେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ରାଜ୍ୟସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଆଜି ସଫଳତାର ମହକ ବୁଣୁଛି। ଏହାରି ଭିତରେ ମିଲେଟ ମିଶନ ଏହି ସଫଳତାରେ ଆଉ ଏକ ଖିଅ ଯୋଡ଼ିଛି।

ବନ୍ଧୁଗଣ, ଆପଣମାନେ ମାଣ୍ଡିଆ ବିଷୟରେ ପିଲାଟି ଦିନରୁ ଶୁଣିଥିବେ, ଏଥିରେ ଦ୍ୱିମତ ନାହିଁ। କିନ୍ତୁ ମାଣ୍ଡିଆ ପ୍ରତି ଯେଉଁ ଭାବନା ୧୫-୨୦ବର୍ଷ ତଳେ ଥିଲା ଆଜି ସେଥିରେ ଆକାଶ ପାତାଳ ତଫାତ୍। ଆଜି ମାଣ୍ଡିଆ କେବଳ ଏକ ଲଘୁଶସ୍ୟ ନୁହେଁ, ଏହା ଏକ ମିଶନ। ରାଜ୍ୟସରକାରଙ୍କ କୃଷି ବିଭାଗ ଠାରୁ ଆରମ୍ଭ କରି ଓଡ଼ିଶା ମିଲେଟ ମିଶନ ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି। ୨୦୨୩କୁ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ଘୋଷଣା କରାଯିବା ସହ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଇଥିଲା। ଏବେ ମାଣ୍ଡିଆ ପାଇଁ ଆକାଂକ୍ଷା ଆଉ ଉତ୍କଣ୍ଠା। ସବୁଠି ମିଲେଟର ଜୟଯାତ୍ରା। ମଲ୍ ମାନଙ୍କରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ତ ପୁଣି ବିଭିନ୍ନ ଉତ୍ସବ ମାନଙ୍କରେ ମାଣ୍ଡିଆର ଖାଦ୍ୟ ପାଖରେ ଲୋକ ଭିଡ଼ ଜମେଇଲେଣି।

କେବଳ ମଧୁମେୟ ରୋଗୀ ନୁହେଁ ସମାଜର ସବୁ ଶ୍ରେଣୀ ଆଉ ସବୁ ବର୍ଗର ଲୋକେ ଏହାକୁ ଏବେ ନିଜ ଖାଦ୍ୟରେ ସାମିଲ କଲେଣି। ମିଶନ୍ ଶକ୍ତି ମା' ମାନେ ଏବେ ମିଲେଟ ଶକ୍ତି କାଫେ ରେ ନିଜର ପାରଦର୍ଶିତା ଦେଖାଇଲେଣି। ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟପେୟ ଏବେ ଏହି କାଫେରେ ଉପଲବ୍ଧ। ଏଥିରେ ମା' ମାନଙ୍କର ହିଁ ଭୂମିକା ଅଧିକ। ଓଡ଼ିଶାରେ ମିଲେଟ ମିଶନ ଏବେ ଏକ ବିପ୍ଳବରେ ରୂପାନ୍ତରିତ ହୋଇଛି। ଶୁଷ୍କ ମାଟିର ସୁନା ମାଣ୍ଡିଆକୁ ଚାଷ କରିବା ପାଇଁ ଚାଷୀ ଏବେ ବେଶ ଆଗଭର। ଚାଷୀ ମାନଙ୍କୁ ଏ ଦିଗରେ ତାଲିମ ମିଳିବା ସହ ମିଲେଟ ମିଶନ ଜରିଆରେ ଅନେକ ଉପଯୋଗୀ ପନ୍ଥା ଆପଣାଯାଉଛି। ଏମିତିକି ବଡ଼ ବଡ଼ ହୋଟେଲ ମାନେ ଏବେ ଖାଦ୍ୟ ମେନୁରେ ମାଣ୍ଡିଆକୁ ସାମିଲ କରିବାକୁ ମନ ବଳାଇଛନ୍ତି। କେବଳ ସେତିକି ନୁହେଁ ରାଜ୍ୟ ସରକାରଙ୍କ ତରଫରୁ ମାଣ୍ଡିଆର ଭୂ ପ୍ରଜାତି ଜାରି କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା। ୧୬୩ଟି ଭୂପ୍ରଜାତିର ଚିହ୍ନଟକରଣ କରାଯିବା ସହ ଏ ଦିଗରେ ବେଶ ତତ୍ପର ଭାବେ କାମ କରୁଛି ରାଜ୍ୟ ସରକାର। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କୃଷି ଓ କୃଷକର ବିକାଶ ଆଭିମୁଖ୍ୟକୁ ନେଇ ଏହି ମିଲେଟ ମିଶନ ଆଗାମୀ ଦିନର ସଫଳତାର ତୂର୍ଯ୍ୟନାଦ କରିବ।

ଓଡ଼ିଶା ମିଲେଟ ମିଶନ ଏବେ ଏକ ବିପ୍ଳବରେ ପରିଣତ ହେଲାଣି। ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆ ଆଜି ସଫଳତାର ଗୀତ ଗାଉଛି। ମିଶନ୍ ଶକ୍ତି, କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ପରି ବିଭନ୍ନ ବିଭାଗ ମାନେ ଏବେ ଏହି ସଫଳତାରେ ଯୋଡ଼ି ହୋଇଛନ୍ତି। ଆମ ରାଜ୍ୟର ମିଲେଟ ମିଶନ ଏବେ ୧୯ଟି ଜିଲ୍ଲାରେ ପ୍ରସାର ହେବା ସହ ବର୍ତ୍ତମାନ ସମୟରେ ବୌଦ୍ଧ, ଢେଙ୍କାନାଳ, ଝାରସୁଗୁଡ଼ା ଓ ନୟାଗଡ଼ ଜିଲ୍ଲା ଏହି ପ୍ରୟାସର ସାମିଲ ହୋଇଛନ୍ତି। ୧୪୨ ବ୍ଲକର ୧୭୨୨ ଗ୍ରାମ ପଂଚାୟତର ୧୬୯୮୯ ଗ୍ରାମର ପାଖାପାଖି ୧.୨୯ଲକ୍ଷ ଚାଷୀ ମାନେ ଆଜି ମିଲେଟ ମିଶନରେ ଯୋଡ଼ି ଏହି ବିପ୍ଳବର ସାରଥି ସାଜିଛନ୍ତି। ୨୦୨୦-୨୧ ସୁଦ୍ଧା ପାଖାପାଖି ୭ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଏହି ମିଶନ ଦ୍ୱାରା ଉତ୍ପାଦିତ ହୋଇଥିଲା। ଓଡ଼ିଶା ମିଲେଟ ମିଶନ ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇ ଚାଷ କରିବା ସହ ଚାଷ ଜମିର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଏ।

ଏକ ସୁସ୍ଥ, ସବୁଜ ଓ ସ୍ୱାବଲମ୍ବୀ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶା ମିଲେଟ ମିଶନ ସଂକଳ୍ପବଦ୍ଧ। ଆସନ୍ତୁ ଆପଣ ବି ଏ ବିପ୍ଳବରେ ଯୋଡ଼ି ହୁଅନ୍ତୁ। ମିଶନ ଶକ୍ତି ଓ ମିଲେଟ ମିଶନ - ଏଦୁଇଟି ବୈପ୍ଳବିକ ଆହ୍ୱାନ କୁ ମା' ମାନେ ଶାଣିତ କରୁଛନ୍ତି। ଆଜି ଆମ ରାଜ୍ୟର ମା' ମାନେ ଜଣେ ଜଣେ ଉଦ୍ୟୋଗୀ। ମା, ମିଲେଟ୍ ଓ ମିଶନ୍ ଶକ୍ତି -ଆମ ରାଜ୍ୟର ପରିଚୟକୁ ଦ୍ୱିଗୁଣିତ କରିଛନ୍ତି। ଏକ ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନରେ ଏ ତିନୋଟିର ସମନ୍ୱୟ ଓ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ।

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା(ଓସୋକା), ଭୁବନେଶ୍ୱର, ମୋ- ୯୪୩୮୪୬୭୦୭୯)

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା







# ନୟାଗଡ଼ ଜଗନ୍ନାଥ ମନ୍ଦିରରେ ପୁଣି ବନ୍ଦହେଲା ଅବଢ଼ା ପ୍ରସାଦ

## ସ୍ଥାୟୀ ରୋଷ ଘର ନିର୍ମାଣ ପରେ ପ୍ରସ୍ତୁତ ହେବ ଅଭଡ଼ା

**ନୟାଗଡ,(ମହାଭାରତ) :** ପୁଣି ନୟାଗଡ଼ ଜଗନ୍ନାଥ ମନ୍ଦିରରେ ଅବଢ଼ା ପ୍ରସ୍ତୁତି ବନ୍ଦ ହୋଇଯାଇଛି। ରଥଯାତ୍ରା ସମୟରେ ଅବଢ଼ା ପ୍ରସ୍ତୁତ କରି ବିକ୍ରି କରିବା ପାଇଁ ଦେବୋତ୍ତର ବିଭାଗ ନିଷ୍ପତ୍ତି ନେଇଥିଲା। ମାତ୍ର ୮ ଦିନ ବି ଏହାକୁ ବିଭାଗ ଚଳାଇପାରିଲା ନାହିଁ। ଫଳରେ ଅବଢ଼ା ଆଉ ପ୍ରସ୍ତୁତ କରାଯାଉନଥିବା ବେଳେ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ଦିନ ହେଲା ନୟାଗଡ଼ ଜଗନ୍ନାଥ ମନ୍ଦିରରେ ଲାଗି ରହିଥିବା ଅବଢ଼ା ପ୍ରସ୍ତୁତ ସମସ୍ୟାର ସାମୟିକ ଭାବେ ସମାଧାନ କରାଯାଇଥିଲା। ଗତ ୯ ତାରିଖରେ ଜଗନ୍ନାଥ ମନ୍ଦିରରେ ଅବଢ଼ା ଉପଲବ୍ଧ ହୋଇଥିବା ବେଳେ ଏହାକୁ ଦେବୋତ୍ତର ବିଭାଗ ପ୍ରସ୍ତୁତ କରିଥିଲା। କିଛି ଦିନ ଏହି ପ୍ରକ୍ରିୟାରେ ଅବଢ଼ା ବିକ୍ରି ହେବ ଓ ପରେ ସୁବିଧା ହେଲେ ଏଥି ନିମନ୍ତେ ଟେଣ୍ଡର କରାଯିବ ବୋଲି କୁହାଯାଇଥିଲା। ମାତ୍ର ଦେବୋତ୍ତର ବିଭାଗର ଏହି ପଦକ୍ଷେପକୁ ଆରମ୍ଭରୁ ସମସ୍ତେ ସନ୍ଦେହ ଚକ୍ଷୁରେ ଦେଖିଥିଲେ। ପ୍ରତି ଦିନ ଶହେ ଜଣ ଖାଇବା ଭଳି ଅବଢ଼ା ପ୍ରସ୍ତୁତ କରାଯାଉଥିଲା। ଅବଢ଼ାରେ ଅନ୍ନ, ଡାଲି, ଖଟା, ବେସର, ମହୁର ରହିଥିଲା। ଗୋଟିଏ ଥାଳି ପିଛା ୮୦ ଟଙ୍କା ଦର ଧାର୍ଯ୍ୟ କରାଯାଇଥିଲା। ଏହି ଅବଢ଼ା ଅସ୍ଥାୟୀ ରୋଷ ଘରେ ପ୍ରସ୍ତୁତ କରାଯିବ ରୋଷ ଘର ସମ୍ପୂର୍ଣ୍ଣ ହେବା ପରେ ଅବଢ଼ା ନିଲାମ ଟେଣ୍ଡର ପାଇଁ ଯୋଜନା କରାଯାଇଥିଲା। ମାତ୍ର ଅବଢ଼ା ବିକ୍ରି ପୁଣି ବନ୍ଦ ହୋଇଗଲା ଦୀର୍ଘ ଦିନ ହେଲା ଜଗନ୍ନାଥ ମନ୍ଦିରରେ ଅବଢ଼ା ସମସ୍ୟା ଲାଗି ରହିଛି। ଟେଣ୍ଡର ଅବଧି ସମୟ ଶେଷ ହୋଇଥିଲେ ମଧ୍ୟ ଜଣେ ନିଜ ମନ ମୁତାବକ ଅବଢ଼ା ବିକ୍ରି କରି ଚାଲିଥିଲ। ଏହାର



ସ୍ୱାଦକୁ ନେଇ ମଧ୍ୟ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାକୁ ବିରୋଧ କରି ମନ୍ଦିର କମିଟିର ସଦସ୍ୟ ଓ ଶ୍ରଦ୍ଧାଳୁ ମାନେ ଧାରଣାରେ ବସି ରହିଥିଲେ। ନିଲାମ ଅବଧି ଶେଷ ହୋଇଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅବଢ଼ା ବିକ୍ରି କରିବା ପାଇଁ ସୁଯୋଗ ଦିଆଯାଇଥିବାରୁ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଅବଢ଼ାକୁ ନେଇ ମନ୍ଦିରରେ ଦୀର୍ଘ ଦିନ ହେଲା ସମସ୍ୟା ଲାଗି ରହିଛି। ମାତ୍ର ଏହାର ଏକ ସ୍ଥାୟୀ ସମାଧାନ କରିବା ପାଇଁ କିଛି ବି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଅବଢ଼ାକୁ ନେଇ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ଏ ନେଇ ଦେବୋତ୍ତର ବିଭାଗ ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କହନ୍ତି ଯେ, ସ୍ଥାୟୀ ରୋଷ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ। ରଥଯାତ୍ରା ସମୟରେ ଅସ୍ଥାୟୀ ଘରେ ଅବଢ଼ା ପ୍ରସ୍ତୁତ କରାଯାଉଥିବା ବେଳେ ସେଥିରେ ବହୁ ସମସ୍ୟା ସୃଷ୍ଟି ହୋଇଥିଲା । ଏଣୁ ଏହାକୁ ବନ୍ଦ କରି ଦିଆଯାଇଛି। ରୋଷ ଘର ସମ୍ପୂର୍ଣ୍ଣ ହେବା ପରେ ଟେଣ୍ଡର କରାଯାଇ ଅବଢ଼ା ବିକ୍ରିକୁ ଠିକ୍ ଭାବେ ପରିଚାଳନା କରାଯିବ।

# ଗାଁ ରେ ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା



**କପ୍ତିପଦା,(ମହାଭାରତ) :** ଗ୍ରାମରେ ଚାଲିଥିଲା ମଦ ବେପାର । ବାରମ୍ବାର ମନା କରିବା ପରେ ମଧ ଚାଲିଥିଲା ଚୋରା ମଦ କାରବାର । ଶେଷରେ ଅବକାରୀ ବିଭାଗ ପାରିଲା ନାହିଁ, ଗ୍ରାମର ମହିଳାମାନେ ଏକଜୁଟ୍ ହୋଇ ମଦ ବେପାରୀକୁ କାବୁ କରିଲେ । ଆଉ ମଦ ବନ୍ଦ ଦାବିରେ ଅବକାରୀ କାର୍ଯ୍ୟାଳୟ ଘେରାଉ କରିଲେ । ଏଭଳି ଘଟଣା ଦେଖିବାକୁ ମିଳିଛି ଉଦଳା ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ । ସ୍ଥାନୀୟ ଥାନା ଅଧିନ ନାବରା ଗ୍ରାମରେ ସନ୍ତୋଷ କୁମାର ମହାକୁଡ ନାମକ ଜଣେ ବ୍ୟକ୍ତି ଚୋରା ଦେଶୀ ମଦ ବିକ୍ରୀ କରୁଥିବା ଗ୍ରାମର ମହିଳାମାନେ ଜାଣିବା ପରେ ଆଜି ମଦ ବିକ୍ରୀ କରୁଥିବା ବେଳେ ତାକୁ ଗ୍ରାମର ମହିଳାମାନେ ଧରିଲେ । ଆଉ ମଦ ବେପାରୀକୁ ଧରିବା ପରେ ତାକୁ ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ । ହେଲେ ଏତିକିରେ ସରି ନ ଥିଲା କଥା । ଉକ୍ତ ମଦ ବେପାରୀକୁ ତୁରନ୍ତ ନ ଛାଡିବା ସହିତ ଗ୍ରାମରେ ମଦ ବେପାର ବନ୍ଦ କରିବା ଦାବିରେ ଗ୍ରାମର ଶତାଧିକ ମହିଳା ଅବକାରୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ଯାହାକି ମଦ କାରବାର ଗ୍ରାମରେ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି ଗ୍ରାମର ମହିଳା । ପୂର୍ବ ରୁ ବହୁବନ୍ଧ ପଞ୍ଚାୟତ ର ୫ ଟି ଗ୍ରାମ ର ମହିଳା ମାନେ ଏକଜୁଟ ହୋଇ ମଦ ବନ୍ଦ ପାଇଁ ନିଷ୍ପତି ନେଇଥିଲେ। ତେବେ ଗାଁ ରେ ମହିଳା ମାନେ ହାଟ ଓ ବିଭିନ୍ନ ସ୍ଥାନ ରେ ଚୋରା ମଦ ବିକ୍ରି କୁ ବିରୋଧ କରିବା ସହ ଅଣ୍ଟା ଭିଡିଲେଣି। ତେବେ ଆଗକୁ ମଦ ବିକ୍ରି କରୁଥିବା ବ୍ୟବସୟୀ ଙ୍କୁ ସବାଡ଼ କରିବେ ବୋଲି କହିଛନ୍ତି।

# ୨୨ ଖଣ୍ଡ ଶାଳ ଚୌକାଠ ଜବତ,୨ ଗିରଫ

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଖମଡିହା ଗ୍ରାମ ନିକଟରୁ ମଙ୍ଗଳବାର ଦିନ ବନ ବିଭାଗ ଚଢ଼ାଉ କରି ୨୨ ଖଣ୍ଡ ଶାଳ ଚୌକାଠ ଜବତ କରିବା ସହ ଘଟଣା ରେ ସଂପୃକ୍ତ ୨ ଜଣ କାଠ ଚିରାଳି କୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଆସାମ ରାଜ୍ୟ ର ମହେଶ୍ୱର



ଓଦଲଗଡି ଗ୍ରାମ ର ବସୁମାତାରି (୪୨) ଓ ମହୁଲଡ଼ିହା ଥାନା ଅନ୍ତର୍ଗତ ସାତକୋଶିଆ ପ୍ରଧାନସାହି ଗ୍ରାମ ର ଗଣେଶ ଲିୟାଙ୍ଗି(୨୫) ବୋଲି ଜଣା ପଡ଼ିଛି। ବନ ବିଭାଗ ଠାରୁ ମିଳିଥିବା ସୂଚନା ଅନୁଯାୟୀ କିଛି ବର୍ଷ ପୂର୍ବରୁ ଆସାମ ରାଜ୍ୟ ରୁ ଆସି ଠାକୁରମୁଣ୍ଡା ଅଞ୍ଚଳ ରେ ରହି ଗିରଫ ହୋଇ ଥିବା ମହେଶ୍ୱର କାଠ ଚିରି ବିକ୍ରି କରୁଥିଲେ। ଖମଡ଼ିହା ଗ୍ରାମ ନିକଟ ଜଙ୍ଗଲ ରୁ ଶାଳ ଗଛ କାଟି ଚୌକାଠ ଚିରୁ ଥିବା ର ଖବର ପାଇ ଠାକୁରମୁଣ୍ଡା ରେଞ୍ଜ ବନପାଳ ତପନ ମହାନ୍ତ,ଫୋରେଷ୍ଟ ଗାର୍ଡ ଗାୟତ୍ରୀ ମହାନ୍ତ ସମେତ ଅନ୍ୟ ବନ କର୍ମଚାରୀ ଚଢ଼ାଉ କରି କାଠ ଚିରୁଥିବା ଏହି ଦୁଇ ଜଣକୁ ଧରିବା ସହ କାଠ ଚିରିବା ରେ ବ୍ୟବହୃତ ସାମଗ୍ରୀ କୁ ଜବତ କରିଥିଲେ।ଜବତ କାଠ ର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ । ଏନେଇ ଠାକୁରମୁଣ୍ଡା ରେଞ୍ଜ କେଶ ନମ୍ବର ୪୫ ଅନୁଯାୟୀ ମାମଲା ରୁଜୁ ହୋଇ ତଦନ୍ତ କରାଯାଉଛି।

# ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



**ଗଜପତି,(ମହାଭାରତ) :** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ସ୍ୱଚ୍ଛ ସାଥି ଓ ସୁପ୍ରଭାଇଜାର ମାନଙ୍କ ବର୍ଦ୍ଧିତ ଦରମା ଓ ଅନ୍ୟାନ୍ୟ ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସ୍ୱଚ୍ଛ ସାଥୀ ଓ ସୁପ୍ରଭାଇଜାର ସଙ୍ଘ ଗଜପତି ଶାଖାର ସଭାପତି ମମତା ରାଣୀ ହୋତାଙ୍କ ନେତୃତ୍ୱରେ ଦଶ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲା ପାଳ ଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ପ୍ରଦାନ କରାଯାଇଛି ।ଦାବୀ ଗୁଡିକ ହେଲା ସମାନ କାମକୁ ସମାନ ଦରମା ଦାବି,ଶ୍ରମ ଆଇନ ଅନୁସାରେ ସର୍ବନିମ୍ନ ମଜୁରୀ ଦେବା,ବିନା ସର୍ତ୍ତରେ ସମସ୍ତ ସ୍ୱଚ୍ଛସାଥି ଓ ସୁପ୍ରଭାଇଜାର ମାନଙ୍କ ବର୍ଦ୍ଧିତ ଦରମା ପ୍ରଦାନ କରିବା ଏହି ଭଳି ଦଶ ଦଫା ଦାବି ରହିଛି ଏହି ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ଜ୍ୟୋତି ରଶ୍ମି ଦାଶ,, କୋଷାଧକ୍ଷ ରତ୍ନ ମଞ୍ଜୁରୀ ରାଉତ, ଅନ୍ନପୂର୍ଣ୍ଣା ମିଶ୍ର, ପ୍ରଭାସିନୀ ପାଣିଗ୍ରାହୀ, ସୁନିତା ବେହେରା ପ୍ରମୁଖଙ୍କ ସମେତ ବହୁ ସ୍ୱଚ୍ଛ ସାଥୀ ଓ ସୁପ୍ରଭାଇଜର ଉପସ୍ଥିତ ଥିଲେ।

# ତ୍ରିପତି ଗାଣ୍ଟାଙ୍କୁ କେବେ ମିଳିବ ଅନ୍ତର୍ଦ୍ଦୋୟ କାର୍ଡ ଓ ଆବାସ ଯୋଜନା

**ଗଜପତି,(ମହାଭାରତ) :** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଆୟୋଜିତ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶିବିର ଅଦାଲତ ଆୟୋଜିତ ହୋଇ ଯାଇଛି ।ଏହି ଶିବିରରେ କାଶୀ ନଗର ବ୍ଲକ ଖାଣ୍ଡାବା ପଞ୍ଚାୟତର ଖାଣ୍ଡାବା ଗ୍ରାମର ତ୍ରିପତି ଗାଣ୍ଟା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ନିକଟରେ ଅନ୍ତର୍ଦ୍ଦୋୟ କାର୍ଡ ଓ ଆବାସ ଯୋଜନା ସକାଶେ ନିଜର ଗୁହାରି ଜଣାଇ ଥିଲେ ।ଦୀର୍ଘ ୪ ବର୍ଷ ହେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଜଣାଇଲେ ମଧ୍ୟ ତାଙ୍କୁ ଆବାସ ଯୋଜନାରେ ଓ ଅନ୍ତର୍ଦ୍ଦୋୟ କାର୍ଡ ନ ପାଇ ଦୁଃଖ ପ୍ରକାଶ କରିଛନ୍ତି।

# ଶ୍ରୀ ଚୈତନ୍ୟ ସ୍କୁଲକୁ ଯାଇ ଯାଞ୍ଚ କଲେ ଉଡଉ



**ଅନୁଗୋଳ,(ମହାଭାରତ) :** ଅନୁଗୋଳ ପଞ୍ଚମହଲା ଠାରେ ଥିବା ଶ୍ରୀ ଚୈତନ୍ୟ ସ୍କୁଲ କୁ ଯାଇ ଯାଞ୍ଚ କଲେ ଉଡଉ। ସୂଚନା ଯେ, କିଛି ଦିନ ତଳେ ଶ୍ରୀ ଚୈତନ୍ୟ ସ୍କୁଲ ରେ ପାଠ ପଢୁ ଥିବା ପିଲା ମାନଙ୍କର ଅଭିଭାବକ ମାନେ ଜିଲ୍ଲା ପ୍ରସାଶନକୁ ସ୍କୁଲ ର ଅବ୍ୟବସ୍ଥା କୁ ନେଇ ଅଭିଯୋଗ କରିଥିଲେ। ଜିଲ୍ଲା ପ୍ରଶାସନ ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଅଭିଭାବକ ମାନେ ଉଡଉ କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଆଜି ଶନିବାର ଉଡଉ ର ତିନି ଜଣିଆ କମିଟି ପକ୍ଷରୁ ସ୍କୁଲ କୁ ଯାଇ ସମସ୍ତ କାଗଜ ପତ୍ର ଯାଞ୍ଚ କରିଥିଲେ। ସ୍କୁଲ ରେ ହେଉଥିବା ସମସ୍ତ ସମସ୍ତ ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

# ନୂତନ କରି ଯୋଗଦାନ କରିଥିବା ଥାନାଧିକାରୀଙ୍କୁ ଫୁଲଗୁଚ୍ଛ ଦେଇ ସମ୍ବର୍ଦ୍ଧନା



**କୋରେଇ,(ମହାଭାରତ) :** କୋରାଇ ଥାନାରେ ଶୁକ୍ରବାର ନୂତନ ଥାନାଧିକାରୀ ଭାବେ ସଞ୍ଜୟ କୁମାର ପରିଡା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ବିଶ୍ୱାସ ପରିବାର ସଂଗଠନ ତରଫରୁ କୋରେଇ ଥାନାରେ ନୂତନ କରି ଯୋଗଦାନ କରିଥିବା ଥାନାଧି କାରୀଙ୍କୁ ଫୁଲ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା କଲେ ସମସ୍ତ ସଦସ୍ୟ ବୃନ୍ଦ ସଂଗଠନ ର ସମ୍ପାଦକ ଶିବସୁନ୍ଦର ସାହୁ. ସଭାପତି କମରାନ ଖାଁ. ବଡ ବାବୁ. ସଲମାନ ଖାଁ. ସୁନୀଲ ଓଝା. ଗୋରା ବାବୁ. ଯକି ଖାଁ. ପପୁ ଖାଁ. ବସୁଆ ବାରିକ. ଜମିର ଖାଁ. ଲିଟୁ ଖାଁ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ବିଶ୍ୱାସ ପରିବାର ସଂଗଠନ ତରଫରୁ କୋରେଇ ଥାନାରେ ନୂତନ କରି ଯୋଗଦାନ କରିଥିବା ଥାନାଧି କାରୀଙ୍କୁ ଫୁଲ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା କଲେ ସମସ୍ତ ସଦସ୍ୟ ବୃନ୍ଦ ସଂଗଠନର କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ ସଭାପତି କମରାନ ଖାଁ।

# ସାଇ ବାବା ମନ୍ଦିରର ୧୩ ତମ ପ୍ରତିଷ୍ଠା ଦିବସ



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ରେକେଣା ସାହି ଥିବା ସାଇବାବା ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଓ ସାଇ ବାବା ମନ୍ଦିରର ୧୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି ।ସକାଳୁ ଭକ୍ତଙ୍କ ଦ୍ୱାରା ସାଇ ବାବାଙ୍କ ଅଭିଷେକ କରାଯାଇଥିଲା ।୧୦ ଟା ସମୟରେ ସାଇ ବାବା ଙ୍କ ଚାଉଳି ଯାତ୍ରା ଓ ମଧ୍ୟାହ୍ନ ଆଳତୀ ପରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ଆଳତୀ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ।

# ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର



**ଭବାନୀପାଟଣା , (ମହାଭାରତ) :** ଥୁଆମୂଳ ରାମପୁର ବ୍ଲକସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍ ଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲ୍ଲାପାଳ , ଭବାନୀପାଟଣା ଡ ବିଶ୍ୱଜିତ ଦାସ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୮୧ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୩୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୫ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା।

# ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ



**ଆସିକା,(ମହାଭାରତ) :** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ୨୦୨୪-୨୦୨୫ ଶିକ୍ଷା ବର୍ଷର ସପ୍ଲିମେଣ୍ଟ୍ରି ପରୀକ୍ଷା ସାଙ୍ଗକୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇ ଯାଇଛି। ଏହି ପରୀକ୍ଷାରେ ରାଜ୍ୟ ମୁକ୍ତବିଦ୍ୟାଳୟ ର ମୋଟ ୩୬୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪୭ ଜଣ ଓ ସପ୍ଲିମେଣ୍ଟ୍ରି ପରୀକ୍ଷାର ମୋଟ ୯ ଜଣଙ୍କ ମଧ୍ୟରୁ ୭ ଜଣ ପରୀକ୍ଷା ଦେଇଛନ୍ତି । ରାଜ୍ୟ ମୁକ୍ତ ବିଦ୍ୟାଳୟର ମୋଟ ୫୦୦ ମାର୍କ ଓ ସପ୍ଲିମେଣ୍ଟ୍ରି ର ମୋଟ ୬୦୦ ମାର୍କ ରେ ପରୀକ୍ଷା ଅନୁଷ୍ଠିତ ହେବ । ଏହି ପରୀକ୍ଷା ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରୀକ୍ଷା ସକାଶେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀଙ୍କ ସହ ମୋଟ ୨୦ ଜଣ ଶିକ୍ଷକ ଦାୟିତ୍ୱ ରେ ରହିଛନ୍ତି ।

# ବିଦ୍ୟୁତ ଉପଭୋକ୍ତାଙ୍କ ଖାଉଟି ଅଦାଲତର ଦ୍ୱାରସ୍ଥ

**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲାରେ ଟାଟା ପାୱାର ଚଳାଇଛି ମନମାନି। ମନଇଚ୍ଛା ବିଦ୍ୟୁତ ଉପଭୋକ୍ତାଙ୍କୁ ଦିଆଯାଉଛି ବିଦ୍ୟୁତ୍ ବିଲ୍ । ବିଦ୍ୟୁତ ବିଲ ପୈଠ ନ କଲେ ଟାଟା କମ୍ପାନୀ ପକ୍ଷରୁ ବିଦ୍ୟୁତ୍ କାଟ ପାଇଁ ମିଳୁଛି ଧମକ୍ । ଖବର ପ୍ରକାରେ କ ନୂଆଗାଁ ବ୍ଲକର ସମିର ପାଣିଗ୍ରାହି ନୂଆଗାଁ ବଜାରରେ ଏକ ଦୋକାନ ଗୃହକୁ ଭଡାସୂତ୍ରରେ ନେଇ ବ୍ୟବସାୟ କରୁଛନ୍ତି । ତାଙ୍କ ଦୋକାନକୁ ଟାଟା ପାୱାରର ବିଦ୍ୟୁତ ସଂଯୋଗ କରିଛନ୍ତି । ବିଡମ୍ବନାର ବିଷୟ ପ୍ରତ୍ୟକ ମାସରେ ୬୦୦ରୁ ୭୦୦ ମଧ୍ୟରେ ନିୟମିତ ବିଦ୍ୟୁତ ବିଲ୍ ଆସୁଥିଲା କିନ୍ତୁ ଗୋଟାଏ ମାସରେ ୩୪,୬୫୪ ହଜାର ଟଙ୍କା ବିଦ୍ୟୁତ ବିଲ୍ ଆସିଥିଲା ।ଏକ ମାସର ୩୪,୬୫୪ ହଜାର ଟଙ୍କା ବିଲ୍ ଦେଖି ଛାନିଆଁ ହୋଇ ସମିର ପାଣିଗ୍ରାହି ଟାଟା କାଯ୍ୟାଳୟକୁ ଯାଇ ନିଜର କମ୍ପ୍ଲେନ କରିଥିଲେ କିନ୍ତୁ ଟାଟା ପାୱାର ଅଧିକାରୀ ଉପଭୋକ୍ତା ପାଣିଗ୍ରାହିଙ୍କୁ ଧମକ ଚମକ,ଦୁର୍ବ୍ୟବହାର କରି ସେଠାରୁ ତଡି ଦେଇଥିବା ଅଭିଯୋଗ ହୋଉଅଛି । ସମିର



ପାଣିଗ୍ରାହି ଶାରୀରିକ ମାନସିକ ସ୍ତରରେ ଭାଗିଂପଡି ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ । ଖାଉଟି ଅଦାଲତ ପକ୍ଷରୁ ଏହାର ବିଚାର କରାଯାଇ ଟାଟା କମ୍ପାନିର ଏଭଳି ମନଇଚ୍ଛା ବିଲକୁ କୋର୍ଟ ନାପସନ୍ଦ କରିବା ସହିତ ବିଦ୍ୟୁତ ଉପଭୋକ୍ତାଙ୍କ କ୍ଷତିପୂରଣ ବାବଦକୁ ୨୦ହଜାର ଟଙ୍କା, ଓକିଲ ଖର୍ଚ୍ଚ ବାବଦକୁ ୫ହଜାର ଟଙ୍କା ୩୦ଦିନ ଭିତରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ୩୦ଦିନ ଭିତରେ କ୍ଷତିପୁରଣ ନ ଦିଅନ୍ତି ତାହାହେଲେ ୧୨%ସୁଦ୍ଧ ଗଣିବାକୁ ଟାଟା ପାୱାରକୁ ଦେବାକୁ ରାୟ ଦେଇଥିଲେ । କିନ୍ତୁ ଟାଟା ପାୱାର ଆଜି ପର୍ଯ୍ୟନ୍ତ ଖାଉଟି ଅଦାଲତର ରାୟକୁ ଅବମାନନା କରି ବିଦ୍ୟୁତ ଉପଭୋକ୍ତା ସମିର ପାଣିଗ୍ରାହୀ ଙ୍କୁ କ୍ଷତିପୂରଣ ନ ଦେଇ ସମିରକୁ ଦୁର୍ବ୍ୟବହାର, ଧମକ, ଚମକ୍ ଦେଉଥିବା ଅଭିଯୋଗ କରିଛନ୍ତି ସମିର । ଟାଟା ପାୱାର ର ଏଭଳି ଦାଦାଗିରୀ ଓ ଦାଇତ୍ୱହୀନତା କୁ ଘୋର ନିନ୍ଦା କରିଛନ୍ତି ବିଦ୍ୟୁତ ଗ୍ରାହକ । ମାନ୍ୟବର ଖାଉଟି ଅଦାଲତର ନିର୍ଦ୍ଦେଶ କୁ ପାଳନ କରି ସମିରକୁ କ୍ଷତିପୂରଣ ପ୍ରାପ୍ୟ ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଏ ବିଷୟରେ ଆମେ ବିଭାଗୀୟ ଟାଟା ପାୱାର ଏସଡିଓଙ୍କୁ ପଚାରିବାରୁ ଫୁଲବାଣୀ ମୁଖ୍ୟ ଟାଟା ପାୱାର ଅଧିକାରୀ ଙ୍କ କାଯ୍ୟାଳୟକୁ ସମସ୍ତ ବିଷୟ ଅବଗତ କରାଇଚୁ ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ପ୍ରକାଶ କରିଛନ୍ତି ।ଦେଖିବାକୁ ବାକି ରହିଲା କେବେ ଆଦାଲତର ରାୟକୁ ପାଳନ କରି ଟାଟା ପାୱାର କ୍ଷତିଗ୍ରସ୍ତ ବିଦ୍ୟୁତ ଉପଭୋକ୍ତା ସମିର ପାଣିଗ୍ରାହୀଙ୍କୁ କ୍ଷତିପୂରଣ ଭରଣ କରୁଛନ୍ତି।

# ଚାରି ଦିନ ହେଲା ୩ ନେବୁଲାଇଜର୍ ମେସିନ ଅଚଳ

**ନୟାଗଡ,(ମହାଭାରତ) :** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପିଛା ଛାଡୁନି ବିବାଦ। ହସ୍ପିଟାଲ ର ବିଭିନ୍ନ ୱାର୍ଡ ଦାୟିତ୍ୱରେ ରହିଥିବା ଅଧିକାରୀ ମାନଙ୍କ ଖାମ୍ ଖିଆଲ ନୀତି ଯୋଗୁ ରୋଗୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଚାରି ଦିନ ହେଲା ଜିଲ୍ଲା ମୁଖ୍ୟ ହସ୍ପିଟାଲ ରେ ଶ୍ୱାସରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ନେବୁଲାଇଜର୍ ମେସିନ ଅଚଳ ହୋଇପଡ଼ିଥିଲେ ମଧ ଏହାକୁ ବଦଳାଯାଉନଥିଲା। ଫଳରେ ହସ୍ପିଟାଲ କୁ ଆସୁଥିବା ରୋଗୀମାନେ ଏହାର ସୁବିଧା ନେଇପାରୁନଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏ ସଂକ୍ରାନ୍ତରେ ୱାର୍ଡ ଦାୟିତ୍ୱରେ ରହୁଥିବା କର୍ମଚାରୀ ମାନେ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିନଥିଲେ ଫଳରେ ଏହି ସମସ୍ୟାର ସମାଧାନ ହୋଇପାରୁନଥିଲା। ମିଳିଥିବା ସୂଚନା ମୁତାବକ, ଜିଲ୍ଲା ମୁଖ୍ୟ ହସ୍ପିଟାଲ କୁ ପ୍ରତ୍ୟେକ ଦିନ ୨୦ରୁ ଅଧିକ ଶ୍ୱାସରୋଗୀ ଚିକିତ୍ସା ପାଇଁ ଆସନ୍ତି। ମାତ୍ର ସେମାନଙ୍କୁ ନେବୁଲାଇଜର ମେସିନଟି ଅଚଳ ରହିଥିବା କଥା କହି ଫେରାଇ ଦିଆଯାଉଥିଲା। ଗତ ୧୮ ତାରିଖ ରାତିରେ ହସ୍ପିଟାଲ ରେ ରାତି ଡ୍ୟୁଟିରେ ଥିବା ଜଣେ ଅଭିଜ୍ଞ ଡାକ୍ତର ଏ ସମ୍ପର୍କରେ ଜାଣିବା ପରେ ତୁରନ୍ତ ଅତିରିକ୍ତ ଚିକିତ୍ସା ଅଧିକାରୀ ଅଜୟ ବାହିନୀପତିଙ୍କୁ ଯୋଗାଯୋଗ କରି



ଘଟଣା ସମ୍ପର୍କରେ କହିଥିଲେ ମାତ୍ର ଏ ସମ୍ପର୍କରେ ସେ କିଛି ଜାଣିନଥିବା କହିବା ସହ ପରଦିନ ଏହି ସମସ୍ୟାର ନିଶ୍ଚିତ ସମାଧାନ କରାଯିବ ବୋଲି କହିଥିଲେ। ପରଦିନ ଭୋର୍ ସମୟରେ ନିଜେ ଅତିରିକ୍ତ ଚିକିତ୍ସା ଅଧିକାରୀ ଶ୍ରୀ ବାହିନୀପତି ୱାର୍ଡ ରେ ପହଞ୍ଚି ସମସ୍ୟାର ତଦାରଖ କରିଥିଲେ। ଘଟଣା ସମ୍ପର୍କରେ ପଚାରିବାରୁ, ଚାରି ଦିନ ହେଲା ଏହି ମେସିନ ଗୁଡ଼ିକ ଅଚଳ ହୋଇପଡ଼ିଥିବା ଦାୟିତ୍ୱରେ ଥିବା କର୍ମଚାରୀ ଜଣକ କହିଥିଲେ। ଫଳରେ ଏ ନେଇ ଶ୍ରୀ ବାହିନୀପତି ତୀବ୍ର ପ୍ରତିକ୍ରିୟା କରିବା ସହ ତୁରନ୍ତ ଏହି ଅଚଳ ମେସିନ ଗୁଡ଼ିକ ବଦଳରେ ନୂଆ ଅଣାଯାଇଥିଲା। ହସ୍ପିଟାଲ ର ଗୋଦାମ ଘରେ ଏହି ନୂଆ ନେବୁଲାଇଜର ମେସିନ ସବୁ ରହିଥିଲେ ମଧ ବେପରୁଆ ଭାବେ ଅଚଳ ଗୁଡ଼ିକ ୱାର୍ଡ ରୁ ହଟାଯାଉନଥିଲା ବୋଲି ଅଭିଯୋଗ ହୋଇଛି। ହସ୍ପିଟାଲ ରେ ରହିଥିବା ସମସ୍ତ ୩ଟାଯାକ ମେସିନ ଅଚଳ ହୋଇପଡ଼ିଥିଲେ ମଧ ଏହାକୁ ବଦଳାଇବା ଦିଗରେ କାହିଁକି ପଦକ୍ଷେପ ନିଆଯାଉନଥିଲା, ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ଚିକିତ୍ସା ଅଧିକାରୀ ଶ୍ରୀ ବାହିନୀପତିଙ୍କ ସୂଚନା ମୁତାବକ ନିଶ୍ଚିତ ଭାବେ ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯିବ ବୋଲି ସୂଚନା ଦେଇଛନ୍ତି। ହସ୍ପିଟାଲର ଗୋଦାମ ଘରେ ନୂଆ ନେବୁଲାଇଜର ମେସିନ ରହିଛି, ମାତ୍ର ଏହାକୁ ବଦଳାଇବା ଦିଗରେ ପଦକ୍ଷେପ ନିଆଯାଇନଥିଲା। କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ଏମିତି ଘଟଣା ଘଟିଲା। ଏହା ସହ ଗତ ୧୮ ତାରିଖ ରାତିରେ ବଜ୍ରପାତ ଯୋଗୁ ହସ୍ପିଟାଲ ରେ ବିଦ୍ୟୁତ ବିଭ୍ରାଟ ଘଟିଥିଲା। ଗତ ୧୮ ତାରିଖ ରାତିରେ ଜେନେରେଟର ଲଗାଇ ଏହାକୁ କାର୍ଯ୍ୟକାରୀ କରାଗଲା। ୧୯ ସକାଳୁ ଏହାର ମରାମତି କରାଯିବା ପରେ ଏବେ ଏହି ସମସ୍ୟାର ସମାଧାନ କରାଯାଇପାରିଛି। ହସ୍ପିଟାଲ ର ସମସ୍ୟା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିଲେ, ଏହାର ନିଶ୍ଚିତ ଭାବେ ସମାଧାନ କରାଯାଇପାରିବ ବୋଲି ଶ୍ରୀ ବାହିନୀପତି ସ୍ପଷ୍ଟ କରିଛନ୍ତି।

# କେନ୍ଦୁଝର ଶାଖାର ହାଟଡିହି ସମବାୟ ବ୍ୟାଙ୍କରେ ନୂତନ ଶାଖା ପରିଚାଳକଙ୍କ ଯୋଗଦାନକୁ ସ୍ୱାଗତ

ହାଟଡିହ(ମହାଭାରତ): ହାଟଡିହି ଦୀର୍ଘ ଦିନ ଧରି ହାଟଡିହି ସମବାୟ ବ୍ୟାଙ୍କ ଅଧୀନ ରେ ଥିବା ଗ୍ରାହକ ମାନେ ହାଟଡିହି ସମବାୟ ବ୍ୟାଙ୍କ ରୁ ଚାଷ ଋଣ କାର ବାର, ଆର୍ଥିକ କାରବାର, ମହିଳା ମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିଓ ପଞ୍ଚାୟତ ରେ ଥିବା ସମବାୟ କେନ୍ଦ୍ର ଗୁଡ଼ିକ ର ଚାଷୀ ମାନଙ୍କ ପାଇଁ ନୂତନ ଋଣ କାରବାର ନିମନ୍ତେ ନାନା ହଇରାଣ ହେବାକୁ ପଡୁଥିଲା। ଯାହାକି ହାଟଡିହି ଶାଖାରେ ପାଞ୍ଚ ଜଣ କର୍ମଚାରୀ ଆବଶ୍ୟକ ସ୍ଥଳେ ମାତ୍ର ଦୁଇ ଜଣ କର୍ମଚାରୀ ଙ୍କୁ ନେଇ ବ୍ୟାଙ୍କ ସେବା ଯୋଗାଇ ଦେଉଥିବା ଦେଖିବାକୁ ମିଳେ। ଅନେକ ଲୋକ ଠିକ୍‌ରେ ସେବା ପାଇବାରୁ ନିବୃତ ହେଉଛନ୍ତି। ଯାହାକୁ ନେଇ ଗ୍ରାହକ ମାନେ କର୍ମଚାରୀ ଅଭାବୀ ର ସମସ୍ୟା କୁ ଆଖିରେ ଦେଖି କାରବାର ଏହି ବ୍ୟାଙ୍କ୍ ରେ କାରବାର ବନ୍ଦ ଇଚ୍ଛା ପ୍ରକାଶ କରୁଥିବା ଶୁଣି ବାକୁ ମିଳେ। ଏହି ସମସ୍ୟା ର ସମାଧାନ ପାଇଁ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ରୁ ନୂତନ ଭାବେ ଜଣେ ଅଭିଜ୍ଞ ଶାଖା ପରିଚାଳକ ଙ୍କୁ ଶନିବାର ହାଟଡିହି ସମବାୟ ବ୍ୟାଙ୍କ କୁ ବଦଳି କରାଯାଇଛି। ଉକ୍ତ ଅଧିକାରୀ ଙ୍କ ନାମ ରମଣ କୁମାର କାରୁଆ ହୋଇଥିବା ବେଳେ ତାଙ୍କୁ ହାଟଡିହି ସମବାୟ ବ୍ୟାଙ୍କ ର କର୍ମଚାରୀ ଓ ସମବାୟ ସମିତି ର କର୍ମଚାରୀ ମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସ୍ୱାଗତ କରିଥିବା କର୍ମଚାରୀ ମାନଙ୍କ ମଧ୍ୟରେ ବ୍ୟାଙ୍କ୍ କର୍ମଚାରୀ ହରିହର ପଣ୍ଡା,ସୁରେଶ କୁମାର ପେଡା, କଳିଗାଁ ସମବାୟ ସମିତି ସମ୍ପାଦକ ଅଜୟ ଜେନା,ସାସଙ୍ଗ ସମବାୟ ସମିତି ସମ୍ପାଦକ ନରେନ୍ଦ୍ର ସେଠୀ, ସଢା ସମବାୟ ସମିତି ସମ୍ପାଦକ ଦୀନବନ୍ଧୁ ଜେନା, ସୁଶାନ୍ତ କୁମାର, ଙ୍କ ସହ କର୍ମଚାରୀ ପ୍ରଫୁଲ୍ଲ ଜେନା, ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

# ପାଟଣା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣୀ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ଜନଶୁଣାଣୀ ହୋଇ ଯାଇଛି ।କେନ୍ଦୁଝର ଜିଲ୍ଲାପାଳ ଶାଲ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ଜନ ଶୁଣାଣି ରେ ମୋଟ ୧୩୦ଟି ଅଭିଯୋଗ ଶୁଣାଣି ହୋଇଛି । ଏହି ଜନଶୁଣାଣୀ ରେ ଜିଲ୍ଲା ଆରକ୍ଷୀକ ଅଧିକାରୀ ନୀତିନ୍ କୁଶଲ କର ଡାଗୁତୁ,ଅତିରକ୍ତ ଜିଲ୍ଲାପାଳ ଯଦୁମଣି ମହଲା,ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି ଙ୍କ ଉପସ୍ଥିତି ରେ ଶୁଣାଣି ହେବା ସହ ଲୋକମାନ ଙ୍କ ବିଭିଓ ଅସୁବିଧା,ସମସ୍ୟା ର ସମାଧାନ ପାଇଁ ଉପସ୍ଥିତ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜିଲ୍ଲାପାଳ ଜନଶୁଣାଣୀ ରେ ଅଧିକ ଆବାସ ଯୋଜନା , ରାସନ କାର୍ଡ ଅଭିଯୋଗ ସହିତ ୭ଜଣ ଭିନ୍ନକ୍ଷମ ଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି।

# ଶ୍ରାବଣ ମାସର ପ୍ରଥମ ସୋମବାର, ବିଭିନ୍ନ ଶୈବାଳୟରେ କାଉଡିଆଙ୍କ ପ୍ରବଳ ଭିଡ

ବିଷମ କଟକ(ମହାଭାରତ) :ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ବିଭିନ୍ନ ଶୈବାଳୟରେ କାଉଡିଆଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । ହର ହର ମହାଦେବ ଧ୍ୱନୀରେ ପ୍ରକମ୍ପିତ ହେଉଛି ପୁରା ପରିବେଶ, ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ରେ ଥିବା ପ୍ରମୁଖ ଶୈବପୀଠ ଯଥା :ଚଟିକଣା ପାଟେଲେଶ୍ୱର ମନ୍ଦିର ,ପଣସପଦର ସ୍ୱର୍ଣ ଗିରି ମନ୍ଦିର ବିଷମ କଟକ ରେ ଅବସ୍ଥିତ ଶୈବପୀଠ ମାନଙ୍କରେ କାଉଡିଆ ମାନେ ଆଜି ଜଳାଭିଷେକ କରିଛନ୍ତି । ମାସର ପ୍ରଥମ ସୋମବାରରେ ବିଭିନ୍ନ ଗାଁ ରୁ ଯୁବକ ମାନେ ନିଜ ନିଜର ମାନସିକ ପୂରଣ କରିବା ପାଇଁ ବଡି ଭୋରରୁ ଧାଡିରେ ଠିଆ ହୋଇ ମହାଦେବଙ୍କ ଉପରେ ଜଳଲାଗି କରିଛନ୍ତି । ପ୍ରଥମେ ନଦୀରୁ ଜଳ ଧରି ଶ୍ରଦ୍ଧାଳୁ ମାନେ ଖାଲି ପାଦରେ ଦୀର୍ଘ ବାଟ ଅତିକ୍ରାନ୍ତ କରି ବାବାଙ୍କ ନିକଟରେ ପହଞ୍ଚିଛନ୍ତି । ଶ୍ରାବଣ ମାସରେ ଶିବଲିଙ୍ଗରେ ପାଣି ଢାଳିରେ ପୂଣ୍ୟ ଲାଭ ହୁଏ ଏବଂ ସମସ୍ତ ଦୁଃଖକଷ୍ଟ ଦୂର ହୁଏ ବୋଲିବିଶ୍ୱାସ ରହିଛି ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉତ୍ତରାଞ୍ଚଳ ଉପ- ନିର୍ଦ୍ଦେଶକଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ,(ମହାଭାରତ):ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉତ୍ତରାଞ୍ଚଳ ଉପ- ନିର୍ଦ୍ଦେଶକ ( ସମ୍ବଲପୁର) ଶ୍ରୀମତୀ କଲ୍ୟାଣୀ ଦାଶ ଆଜି ପୂର୍ବାହ୍ନରେ ଏକ ଦିନିକିଆ ଅନୁଗୋଳ ଜିଲ୍ଲା ଗସ୍ତରେ ଆସିଥିଲେ। ତାଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ପରିସରରେ ସ୍ୱାଗତ କରିଥିଲେ। ପରେ ସେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ବିଭିଓ ନଥିପତ୍ର ଓ ରେଜିଷ୍ଟର ଇତ୍ୟାଦି ନିରୀକ୍ଷଣ କରିଥିଲେ । ସେ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ବୁଝିବା ସହିତ ଆଗାମୀ ଦିନରେ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରବା ପାଇଁ ଆଦେଶ ଦେଇଥିଲେ । ପରେ ସେ କାର୍ଯ୍ୟାଳୟ ପରିସରରେ ଥିବା ସୂଚନା କେନ୍ଦ୍ର ତଥା ପାଠାଗାରକୁ ବୁଲି ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ନିରୀକ୍ଷଣ କରିଥିଲେ । କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ଚାଲିଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ।

# ଏବେବି ରହିଛି ତାଳ ପତ୍ର ତଲାରୀର ଚାହିଦା



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ପାହାଡ଼ ପର୍ବତ ଘେରା ଉପାନ୍ତ ଅଞ୍ଚଳ ଅଟେ। ଏଠାକାର ମୁଖ୍ୟତଃ ଜୀବନ ଜୀବିକା ହେଲା କୃଷି। ପ୍ରାୟତଃ ଜିଲ୍ଲାର ୭ ଟି ବ୍ଲକ ରୁ ତିନୋଟି ବ୍ଲକରେ ଧାନ ଚାଷ ହୋଇଥାଏ। ବର୍ତ୍ତମାନ ବର୍ଷା ଋତୁ ହୋଇ ଥିବାରୁ ଚାଷୀ ଚାଷ କରିବା ପାଇଁ ବିଲକୁ ଯାଏ। ଚାଷୀ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ତଲାରୀର ଆବଶ୍ୟକ ରହିଥାଏ। ଚାଷୀ ହେଉ କିବା ଶ୍ରମିକ ଖରା ବର୍ଷାରୁ ରକ୍ଷା। ପାଇବା ସକାଶେ ଖୋଜା ପଡ଼େ ତଲାରି ତାଳ ପତ୍ରରେ ନିର୍ମିତ ଏହି ତଲୟରି ଏବେବି ଚାହିଦୟ ରହିଛି। ଚାଷୀ ଟିଏ ହଳିଆ ଗୀତ ଗାଇ ଝିପି ଝିପି ବର୍ଷା ରେ ତଲାରି ପିନ୍ଧି ନିଜ ଚାଷ ଜମିରେ ଚାଷ କରିଥାଏ। ସେହି ପରି ଶ୍ରମିକ ଟି ଜମିରେ ତଳି ଭାଙ୍ଗିବା ଓ ତଳି ସଜାଡ଼ିବା ସକାଶେ ତଲାରି ପିନ୍ଧି ଆନନ୍ଦ ମନରେ କାମ କରିଥାଏ। ଧାନ ରୋଇବା ବେଳେ ମା ମାନେ ତଲୟରି ପିନ୍ଧି ଗୀତ ଗାଇ ଧାନ ରୋଇ ଥାଆନ୍ତି। କ୍ଷେତ କୁ ଘୋଟଣା ଆଣି ବା ବେଳେ ଝିପି ଝିପି ବର୍ଷାରେ ତଲାରି ପିନ୍ଧିଥାନ୍ତି। ସେ ବର୍ଷା ହେଉ କି ଖରା ତଲାରୀ ର ଆବସ୍ୟକତା ପଡ଼ିଥାଏ। ଏବେବି ତାଳ ପତ୍ରରେ ନିର୍ମିତ ତଲାରି ଚାହିଦା ରହିଛି କି ଧନୀ ଗରିବ ଛତାର ସ୍ଥାନ ତଲାରି ପୂରୁଣ କରିଥାଏ ବର୍ତ୍ତମାନ ଆନ୍ଧ୍ର ରୁ ତଲାରି ଆଣି ବିକ୍ରୀ ବଟା ହେଉ ଥିବାର ଦେଖିବାକୁ ମିଳିଛି।

# ନୟାଗଡ଼ ଜିଲ୍ଲା ପୁଲିସ, ରୋଟାରି କ୍ଲବ୍, ଆମ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର

ନୟାଗଡ଼, ( ମହାଭାରତ ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ରକ୍ତର ଘୋର ସଙ୍କଟ ରହିଛି। ଏହାକୁ କିଛି ମାତ୍ରାରେ ଭରଣା କରିବା ପାଇଁ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ଏହି ରକ୍ତ ସଙ୍କଟ କଥା ଜାଣିପାରି ତୁରନ୍ତ ଏକ ଶିବିର ଆୟୋଜନ କରାଇବା ଦିଗରେ ପଦକ୍ଷେପ ନିଆଯାଇଛି। ନୟାଗଡ଼ ଜିଲ୍ଲା ରିଜର୍ଭ ପୋଲିସ କ୍ୟାମ୍ପସ ଜିଲ୍ଲା ପୁଲିସ ପକ୍ଷରୁ ତୁରନ୍ତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ନୟାଗଡ଼ ଏସ୍ପି ରାହୁଲ୍ ଜୈନ୍ ଏଭଳି ଉଦାର ହୃଦୟକୁ ନୟାଗଡ଼ ବାସୀଙ୍କ ପାଇଁ ସାହାଯ୍ୟ ସହଯୋଗ ଦେଖି ତାଙ୍କୁ ସାହାଯ୍ୟ କରିବା ପାଇଁ ଏଥିରେ ନୟାଗଡ଼ ରୋଟାରି କ୍ଲବ୍ ଓ ଆମ ଓଡ଼ିଶା ରକ୍ତଦାତା ସଙ୍ଗଠନ ମଧ୍ୟ ସାମିଲ୍ ହେବାକୁ ଇଚ୍ଛା ପ୍ରକାଶ କଲେ। ଫଳରେ ପ୍ରତିକୂଳ ପାଗ ସତ୍ତ୍ୱେ ମିଳିତ ଆନୁକୂଲ୍ୟରେ ଏହି ରକ୍ତଦାନ ଶିବିରଟି ସଫଳତାର ସହ ଆୟୋଜିତ ହୋଇଯାଇଛି। ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରଟିକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୟାଗଡ଼ ଜିଲ୍ଲାପାଳ ସ୍ୱାଧାଦେବ ସିଂହ ଉଦ୍ଘାଟନ କରିଥିଲେୟ ପ୍ରଥମେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଜୈନ ରକ୍ତଦାନ କରିଥିଲେ। ଏହା ପରେ ବିଭିଓ ଥାନା ଅଞ୍ଚଳର ଏସଡିପିଓ, ସନ୍ଦପେକ୍ଟରଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରମାକାନ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଅଜୟ ବାହିନୀପତି ଓ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ ଓ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡ଼ା ଏହି ଶିବିରରେ ଯୋଗ ଦେଇ ରକ୍ତଦାନ କରିଥିଲେ। ଏହି ଶିବିରରୁ ମୋଟ୍ ୧୨୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ନୟାଗଡ଼ ରକ୍ତ ଭଣ୍ଡାରର ଡାକ୍ତର ଅବିନାଶ ଶତପଥୀ ଓ ଡାକ୍ତର ଚିନ୍ମୟ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ କର୍ମଚାରୀଙ୍କ ସହଯୋଗରେ ଏହି ଶିବିରଟି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରୋଟାରି କ୍ଲବ୍ ସଭାପତି ରୋଟାରିଆନ ଶ୍ରୀକାନ୍ତ ଖଟେଇ, ସଂପାଦକ ଅବିନାଶ ସାହୁ, ଅବଦୁଲ ଆରିଫ ଖାନ୍, ଶ୍ରୀଧର ସାହୁ, ବ୍ରଜେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରବୀର କୁମାର ପୃଷ୍ଟି, ବାସୁଦେବ ସାହୁ, ଜି.ରଶ୍ମିରାଜ, ମିହିର ରଞ୍ଜନ ନାୟକ, ମନୋରଞ୍ଜନ ପ୍ରଧାନ, ଧୀରେନ୍ଦ୍ର ପଟ୍ଟନାୟକ ଓ ସମାଜସେବୀ ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଷଣ୍ଢ ଆକ୍ରମଣରେ ବୃଦ୍ଧ ଗୁରୁତ୍ୱର

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ବାଲିଯୋଡ଼ି ଗ୍ରାମର ଗୁରୁଚରଣ ମହାନ୍ତ ୭୦ବର୍ଷ ଗୁରୁତ୍ୱର ହୋଇଛନ୍ତି । ସୂଚନା ରୁ ପ୍ରକାଶ ଗୁରୁଚରଣ ରାସ୍ତାରେ ଆସୁଥିବା ସମୟରେ ଏକ ବୁଲା ଷଣ୍ଢ ବୃଦ୍ଧ କୁ ଆକ୍ରମଣ କରିଥିଲା । ଫଳରେ ବୃଦ୍ଧଙ୍କ ପଟରେ ଗଭୀର ଆହତ ଲାଗିଥିଲା। ସ୍ଥାନୀୟ ଲୋକେ ବୃଦ୍ଧ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ରୁ ବୃଦ୍ଧ ଙ୍କ ଅବସ୍ଥା ସଙ୍କଟପନ ହେବାରୁ ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

# ସମ୍ମାନର ସହ ଶବସତ୍କାର କଲେ ସମାଜସେବୀ



ଅନୁଗୋଳ,(ମହାଭାରତ):ବାଁରପାଳ ବ୍ଲକ ଅନ୍ତର୍ଗତ ବନ୍ଦା ଗ୍ରାମର ଶେଷ ଜୀବନ ସାଥୀ ପକ୍ଷରୁ ସମ୍ମାନର ସହ ଶବଦାହ କରାଯାଇଛି। ବଳରାମ ପ୍ରସାଦ ବସଲା ସାହିରେ ପ୍ରାୟ ୨୫ବର୍ଷ ହେବ ଢେଙ୍କାନାଳ ଗେଙ୍ଗୁଟିଆ ଗ୍ରାମର ହିନ ଦାସ ଓ ତାଙ୍କ ପତ୍ନୀ ରଜନୀ ଦାସ ରହି ଆସୁଛନ୍ତି । ଦୁଃଖର ବିଷୟ ଦୁଇ ପ୍ରାଣୀଙ୍କର୍ କୌଣସି ସନ୍ତାନ ସନ୍ତତି ନାହାନ୍ତି। ହିନ ଦାସ ଏକ ଘରୋଇ କମ୍ପାନୀରେ ସିକୁରିଟି ଭାବେ କାମ କରୁଥିଲେ। ଭାଗ୍ୟର ବିଡମ୍ବନା ୨ବର୍ଷ ପୂର୍ବରୁ ନିଜ କାର୍ଯ୍ୟ ସ୍ଥଳୀକୁ ଯାଉଥିବା ସମୟରେ ଏକ ଗାଡ଼ି ଧକ୍କା ଦେଇଥିଲା, ଯାହାଫଳରେ ଏକ ଗୋଡ଼ କୁ ମଧ୍ୟ ହରାଇ ବାକୁ ପଡ଼ିଥିଲାୟ ତେଣୁ ସେ ଅକ୍ଷମ ହୋଇ ଯାଇଥିଲେ। ଘର ମାଲିକ ଦୀନବନ୍ଧୁ ଦାସ ଏ ପରିସ୍ଥିତିରେ ସାହାଯ୍ୟର ହାତ ବଢ଼ାଇ ବିନା ମୂଲ୍ୟରେ ରହିବାପାଇଁ ଘର ଦେଇଥିଲେ। ଆଜି ୭୫ ବର୍ଷ ବୟସରେ ହିନ ଦାସ ଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ , ଶବଦାହ କରିବା ପାଇଁ କେହି ପାଖରେ ନ ଥିଲେ।ଏ ଖବର ପାଇ ଟି .ଏମ. ଏସ୍. ର ଡଃ ସୌଦାମିନୀ ଚୌଧୁରୀ ସଙ୍ଗେ ସଙ୍ଗେ ସାମ୍ବାଦିକ ସୁଧାକର ସାହୁ, ସମାଜ ସେବୀ ଚିନ୍ମୟୀ ଦାସ ଓ ବନ୍ଦା ଗ୍ରାମରେ ଥିବା ଶେଷ ଜୀବନ ସାଥି ସଂଗଠନ କୁ ଜଣାଇ ଥିଲେ। ଶେଷ ଜୀବନ ସାଥି କାଠ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ହିନ ଦାସ ଙ୍କ ଶବକୁ ସମ୍ମାନର ସହ ଦାହ କରିବା ସହ କିଭଳି ଭାବେ ହିନ ଦାସ ଙ୍କ ପତ୍ନୀ ରଜନୀ ଦାସ ସମସ୍ତ ସରକାରୀ ସହାୟତା ପାଇ ପାରିବେ ପ୍ରଶାସନ କୁ ନିବେଦନ କରିଛନ୍ତି।

# ଶ୍ରାବଣ ମାସର ପ୍ରଥମ ସୋମବାର ଚଳଚଞ୍ଚଳ ହରିଶଙ୍କର ପୀଠ



ପାଟଣାଗଡ଼ ( ମହାଭାରତ ) ଆଜି ଠାରୁ ଆରମ୍ଭ ହୋଇ ଯାଇଛି ପବିତ୍ର ଶ୍ରାବଣ ମାସ । ଚଳଚଞ୍ଚଳ ହୋଇ ଉଠିଛି ହରିଶଙ୍କର ଶୈବପୀଠ । ମାନସିକଧାରୀ କାଉଡିଆମାନେ ପାଣି ଉଠାଇ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଜଳାଭିଷେକ କରୁଛନ୍ତି ।ଏହି ମାସ ଭଗବାନ ଶିବଙ୍କର ପ୍ରିୟ ମାସ ବୋଲି କୁହାଯାଏ। ଏହି ମାସରେ ଶିବଙ୍କ ଉଦ୍ଦେଶ୍ୟରେ ବ୍ରତ ରଖି ଜଳାଭିଷେକ କରିବା ଦ୍ୱାରା ମନୋସ୍କାମନା ପୂରଣ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ରହି ଅଛି । ତେବେ ଚଳିତ ବର୍ଷ ଶ୍ରାବଣ ମାସରେ ଦୁର୍ଲଭ ସଂଯୋଗ ଦେଖା ଯାଇଛି । ପ୍ରଥମ ଦିନ ସୋମବାର ରୁ ଆରମ୍ଭ ହୋଇଥିବା ବେଳେ ଶେଷ ଦିନ ମଧ୍ୟ ସୋମବାରରେ ଶେଷ ହେଉଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ହରିଶଙ୍କର ପୀଠରେ ପ୍ରବଳ ଜନସମାଗମ ହୋଇଥିବା ଦୃଷ୍ଟିଗୋଚର ହୋଇଅଛି । ଓଡ଼ିଶା ର ବିଭିଓ ସ୍ଥାନ ରୁ ତଥା ପଡୋଶୀ ଛତିଶଗଡ଼ ରୁ ବହୁ ସଂଖ୍ୟକ ଶିବ ଭକ୍ତ ପହଞ୍ଚି ହର ହର ମହାଦେବ , ବୋଲବମ ନାରାରେ କମ୍ପି ଉଠୁଛି ହରିଶଙ୍କର ମନ୍ଦିର। ଶ୍ରାବଣର ପ୍ରଥମ ଦିନରେ ଭକ୍ତମାନେ ଶିବମନ୍ଦିରରେ ଭିଡ ଜମାଇଛନ୍ତି । ମାନସିକଧାରୀ କାଉଡିଆମାନେ ଶିବଶକ୍ତି ଉଦ୍ଦେଶ୍ୟରେ ଜଳାଭିଷେକ କରିବା ପାଇଁ ଶିବାଳୟରେ ଲମ୍ବା ଲାଇନ ଲଗାଇଛନ୍ତି । ସେ କୋପେ ବର ନଚେତ ତପେ ବର । ମହାଦେବଙ୍କ ଉଦ୍ଦେଶ୍ୟରେ ସମସ୍ତ ଭକ୍ତଙ୍କ ମୁହଁରେ ଏହି କଥା ଶୁଣିବାକୁ ମିଳିଥାଏ । ସେ କୋପରେ ବର ଦିଅନ୍ତି ନଚେତ ତପ କରି ମଧ୍ୟ ମହାଦେବଙ୍କ ମନ ଜିଣିହୁଏ । ନିଜ ମନବାଞ୍ଛା ପୂରଣ କରିବା ପାଇଁ ଭକ୍ତମାନେ ଅତି ଶ୍ରଦ୍ଧା ଓ ନିଷ୍ଠାର ସହ ଏହି ଶ୍ରାବଣ ମାସ ପାଳନ କରିଥାନ୍ତି। ଅଧିକାଂଶ ମହିଳା ଏବଂ ପୁରୁଷ ଏହି ମାସରେ ପଡୁଥିବା ସମସ୍ତ ସୋମବାରରେ ଭଗବାନ ମହାଦେବଙ୍କୁ ପୂଜା କରିବା ସହ ଉପବାସ ରଖି ଥାଆନ୍ତି। ସୋମବାର ଉପବାସ ସମୟରେ ଲୋକମାନେ କେବଳ ଥରେ ଖାଦ୍ୟ ଖାଆନ୍ତି ।ତାହା ମଧ୍ୟ ଶୁଦ୍ଧ ଶାକାହାରୀ ଖାଦ୍ୟ ହୋଇଥାଏ। କେବଳ ଏତିକି ନୁହେଁ, ଏହି ମାସରେ ଲୋକମାନେ ସାତ୍ତ୍ୱିକ ଖାଦ୍ୟ ଖାଆନ୍ତି । ଚଳିତ ବର୍ଷ ଶ୍ରାବଣ ମାସରେ ଏକ ଦୁର୍ଲଭ ସଂଯୋଗ ପଡୁଛି । ଶ୍ରାବଣ ମାସ ଜୁଲାଇ ୨୨ ଅର୍ଥାତ ସୋମବାର ଆରମ୍ଭ ହେଉଥିବା ବେଳେ ଅଗଷ୍ଟ ୧୯ ଅର୍ଥାତ ସେହି ସୋମବାରରେ ଶେଷ ହେଉଛି । ଦୀର୍ଘ ୭୨ ବର୍ଷ ପରେ ଏଭଳି ଅପୂର୍ବ ସଂଯୋଗ ପଡୁଛି । ଏହି ଦୁର୍ଲଭ ସଂଯୋଗ ୭୨ ବର୍ଷ ପୂର୍ବେ ୨୭ ଜୁଲାଇ ୧୯୫୩ ମସିହାରେ ପଡିଥିଲା । ଅନ୍ୟପଟେ ଶିବମନ୍ଦିରରେ ଭିଡକୁ ଦୃଷ୍ଟିରେ ରଖି ଦେବତ୍ତୋର ବିଭାଗ ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା କରିଥିବା ବେଳେ ଶାନ୍ତି ଶୃଖଳା ରକ୍ଷା କରିବା ପାଇଁ ଖପ୍ରାଖୋଲ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷାବ୍ୟବସ୍ଥା ମଧ୍ୟ କଡାକଡି କରା ଯାଇଛି ଏବଂ ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୁଝାରୀ ଓ ଖପ୍ରାଖୋଲ ଥାନାଅଧିକାରୀ ନରେନ୍ଦ୍ର ଛତର୍ ମଧ୍ୟ ହରିଶଙ୍କର ମନ୍ଦିର କୁ ପହଞ୍ଚି ଶିବ ଙ୍କୁ ପୂଜା ଅର୍ଚ୍ଚନା କରି ଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ବେଗୁନିଆ,,(ମହାଭାରତ): ଗିରିଧାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିବନ୍ଧୁ ତ୍ରିପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବୋଲଗଡ଼ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବଡ଼କୁମାରୀ ସର୍ଚ୍ଚ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ସୁଭାଷ ଚନ୍ଦ୍ର ରାୟଗୁରୁ, ପରିଚାଳନା କମିଟି ଅଧକ୍ଷ ଅତୁଲ୍ୟ କୁମାର ଗଡବାଡ, କଡ଼ବ ସରପଞ୍ଚ ନଳିନୀ କୁମାର ବଡଜେନା ଓ ସମିତିସଭ୍ୟା ବଇତୁଲ ବିବି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା ନିବୃତ୍ତ ପ୍ରଧାନଶିକ୍ଷକଙ୍କ ଗୁଣଗାନ କରିଥିଲେ।

# ଗୁରୁ ପୂର୍ଣ୍ଣିମା ଅବସରରେ ବାଲ ବିକାଶ ଶିଶୁ ମାନଙ୍କ ଦ୍ୱାରା ବୃକ୍ଷ ରୋପଣ

ହାଟଡିହ(ମହାଭାରତ): ହାଟଡିହି ରବିବାର ଗୁରୁ ପୂର୍ଣ୍ଣିମା ଅବସରରେ ସତ୍ୟ ସାଇ ସଂଗଠନ ପକ୍ଷରୁ ବାଲ ବିକାଶ ଶିଶୁ ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଛି। ସତ୍ୟ ସାଇ ସଂଗଠନ ପକ୍ଷରୁ ଛୋଟ ଛୋଟ ପିଲା ଙ୍କ ମାନଙ୍କ ମଧ୍ୟରେ ସାଇ ପ୍ରେମ ତରୁ ନାମକ ଏକ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟ ବ୍ୟାପି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଚାଲିଛି। ଏହି କାର୍ଯ୍ୟକ୍ରମ କୁ ସଫଳ କରିବାକୁ ଯାଇ ମରେଇଗାଁ ସତ୍ୟ ସାଇ ସେବା ସମିତି ଅଧିନ ରେ ଥିବା ସମସ୍ତ ସତ୍ୟ ସାଇ ଭଜନ ମଣ୍ଡଳୀ ଗୁଡ଼ିକ ଏହି କାର୍ଯ୍ୟକ୍ରମ ପାଳନ କରିଥିଲେ।

# ପ୍ରଶାସନ ସଂପୃକ୍ତ ଶିଳ୍ପସଂସ୍ଥା ଉପରେ ୬ଲକ୍ଷ ୭୩ ହଜାର ୪ଶହ ୮୧ଟଙ୍କାର ଜରିମାନା

ବେଗୁନିଆ,,(ମହାଭାରତ): ମାଟି ନାଁରେ ଶିଳ୍ପସଂସ୍ଥା ମୋରମ ଲୁଟ ଘଟଣାରେ ସ୍ଥାନୀୟ ତହସିଲ ପ୍ରଶାସନ ସରଜମିନ ତଦନ୍ତ କରିଥିଲା। ତହସିଲଦାର ମୋରମ ଖନନ ଉପରେ ରୋକ ଲଗାଇବା ସହିତ ଶିଳ୍ପସଂସ୍ଥା ଅନୁମତି ଠାରୁ ପ୍ରାୟ ୫ଗୁଣ ଅଧିକ ମାଟି ଖୋଳିଥିବା ପ୍ରମାଣିତ ହେବା ପରେ ତହସିଲ ପ୍ରଶାସନ ସଂପୃକ୍ତ ଶିଳ୍ପସଂସ୍ଥା ଉପରେ ୬ଲକ୍ଷ ୭୩ ହଜାର ୪ଶହ ୮୧ଟଙ୍କାର ଜରିମାନା କରିଛନ୍ତି। ଏଥିପାଇଁ ଡିମାଣ୍ଡ ନୋଟିସ ଜାରି କରିଥିଲେ। ଆଜି ଶିଳ୍ପସଂସ୍ଥା ତହସିଲ କାର୍ଯ୍ୟାଳୟରେ ଜରିମାନା ଦାଖଲ କରିଛି ।କାଜୁ ଜଙ୍ଗଲ କାଟି ବେଆଇନ ଭାବେ ମାଟି ବଦଳରେ ଟ୍ରିପ ଟ୍ରିପ ମୋରମ ଚାଲାଣକୁ ଗୋଲାପାଟଣା ଗ୍ରାମବାସୀ ୧୮ ତାରିଖରେ ବିରୋଧ କରିଥିଲେ ଏହାକୁ ନେଇ ସରପଞ୍ଚ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ୧୯ ତାରିଖ ତହସିଲଦାର ତାପସ କୁମାର ବିଶିଙ୍କ ନିର୍ଦ୍ଦେଶ କ୍ରମେ ବେଗୁନିଆ ରାଜସ୍ୱ ନିରୀକ୍ଷକ ସମଦର୍ଶୀ ସାମନ୍ତରାୟଙ୍କ ସହ ଏକ ଟିମ ଗୋଲାପଟଣା ମୌଜା କାଜୁ ଜଙ୍ଗଲରୁ ମୋରମ ଚାଲାଣ ହେଉଥିବା ସ୍ଥାନରେ ପହଞ୍ଚି ମାପଚୁପ କରି ତଦନ୍ତ ରିପୋର୍ଟ ତହସିଲଦାରଙ୍କୁ ଦେଇଥିଲେ। ତହସିଲଦାର ତାପସ କୁମାର ବିଶି ଭିଇଁପୁର ଠାରେ ନିର୍ମାଣଧୀନ ଶିଳ୍ପ ସଂସ୍ଥା କାଲଡେରୀଶ ଇଣ୍ଡିଆ ରିଫ୍ରୋକ୍ଲୋରିକୁ ମାଟି ଉଠାଇବରେ ରୋକ ଲଗାଇବା ସହିତ ଅନୁମତି ଠାରୁ ଅଧିକ ୫ଗୁଣ ମାଟି ଚାଲାଣ କରିଥିବାରୁ ଜରିମାନା ପାଇଁ ମଧ୍ୟ ଡିମାଣ୍ଡ ନୋଟିସ୍ କରିଥିଲେ। ତହସିଲଦାର ତାପସ କୁମାର ବିଶି କହିଛନ୍ତି ରାଜସ୍ୱ ନିରୀକ୍ଷକ ରିପୋର୍ଟ ମୁତାବକ ୪ହଜାର କ୍ୟୁବିକ ମିଟର ମାଟି ନେବା ବଦଳରେ ୨୨ହଜାର କ୍ୟୁବିକ ମିଟର ମାଟି ଶିଳ୍ପସଂସ୍ଥା ଉଠାଇ ନେଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ମାଟି ଲୁଟ ପାଇଁ ୬ଲକ୍ଷ ୭୩ ହଜାର ୪ଶହ ୮୧ ଟଙ୍କା ଜରିମାନା ପାଇଁ ଡିମାଣ୍ଡ ନୋଟିସ୍ ଦିଆଯାଇଥିଲା ଟ୍ରେସ ମ୍ୟାପ ମୁତାବକ ଖାଲି ସ୍ଥାନରୁ ମାଟି ଉଠାଇବାକୁ ଅନୁମତି ଦିଆଯାଇଥିଲା। ତଦନ୍ତ ରିପୋର୍ଟ ଆଧାରରେ ଆବଶ୍ୟକ ଠାରୁ ଅଧିକ ପାଞ୍ଚ ଗୁଣ ମାଟି ଉଠାଇଥବାରୁ ସଂସ୍ଥା ଜରିମାନା ଦାଖଲ କରିଥିବା ତହସିଲଦାର ପ୍ରକାଶ କରିଛନ୍ତି। ସୂଚନା ମୁତାବକ ଭିଇଁପୁର ଠାରେ ନିର୍ମାଣଧୀନ ଶିଳ୍ପସଂସ୍ଥା କାଲଡେରୀଶ ଇଣ୍ଡିଆ ରିଫ୍ରୋକ୍ଲୋରୀ ମାଟି ନେବାକୁ ବେଗୁନିଆ ତହସିଲ କାର୍ଯ୍ୟାଳୟରେ ୧ଲକ୍ଷ ୬୪ହଜାର ଟଙ୍କା ଜମା କରି ଗୋଲାପାଟଣା ମୌଜାର ଖାତା ନମ୍ବର ୨୩୬, ପ୍ଲଟ ନମ୍ବର ୧୫୬, କିସମ ବଗାୟତ -୨ରୁ ୪ହଜାର କ୍ୟୁବିକ୍ ମିଟର ମାଟି ନେବା ପାଇଁ ଅନୁମତି ପାଇଥିଲା ୫ଟି ହାଇୱା ଏହି ମାଟି ନେବାରେ ବ୍ୟବହାର କରାଯିବ ଏବଂ ଜୁଲାଇ ୨ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହାକୁ ଉଠାଣ କରାଯିବ ବୋଲି ଚିଠି ନମ୍ବର ୧୭୦୯ରେ ତହସିଲଦାର ଅନୁମୋଦନ କରିଥିଲେ।

# ଭତ୍ତା ପାଇଁ ଭିନ୍ନକ୍ଷମଙ୍କ କୋହଭରା ପ୍ରାର୍ଥନା



ଅସ୍ତରଙ୍ଗ,(ମହାଭାରତ): ଅତ୍ୟାଧୁନିକ ସମୟ ରେ ପଦାର୍ପଣ କରିଛି ଆମ ରାଜ୍ୟ ଓଡିଶା, ପରିବର୍ତ୍ତନ ହୋଇଛି ବଦଳିଛି ସରକାର। କିନ୍ତୁ ଆଜିବି ଅନେକ ସ୍ଥାନ ରେ ନିଜ ହକ୍ ପାଇଁ ସାଧରଣ ଲୋକ କରୁଛନ୍ତି ସଂଗ୍ରାମ, ଏଭଳି ଏକ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି। ଅସ୍ତରଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ, ଏକ ଭିନ୍ନକ୍ଷମ ବ୍ୟକ୍ତି ଆଜି ନିଜ ର ଭତ୍ତା ଟଙ୍କା ପାଇବା ପାଇଁ ୨ ମହଲା କୋଠା ଚଢି ପହଞ୍ଚିଥିଲେ ପଞ୍ଚାୟତ କାର୍ଯ୍ୟାଳୟ ରେ ଆଉ ଆଣିଥିଲେ ଭତ୍ତା, ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତ ଗଡଜାତ ସାହି ଗ୍ରାମ ର ୫୦ବର୍ଷୀୟ ଅକ୍ଷୟ ପରିଡା, କିଛି ବର୍ଷ ପୂର୍ବେ ଏକ ଦୁର୍ଘଟଣା ରେ ସେ ତାଙ୍କ ର ଏକ ଗୋଡ଼ ହରାଇଥିଲେ, ଆଉ ଦୟନୀୟ ଅବସ୍ଥା ରେ ଏବେ ଚଲୁଛନ୍ତି, ଆଜି ଭତ୍ତା ନେବା ର ତାରିଖ ଥିବାରୁ ଢୁ ଢୁ ବର୍ଷା ରେ ସେ ଅସ୍ତରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ, ଆଉ ଦୟନୀୟ ଅବସ୍ଥା ରେ ସିଡ଼ି ଚଢି କାର୍ଯ୍ୟାଳୟ ରେ ପହଞ୍ଚି ଦସ୍ତଖତ କରିବା ସହ ଭିନ୍ନକ୍ଷମ ଭତ୍ତା ୧୨୦୦/- ଟଙ୍କା ଆଣିଥିଲେ, ଏହି ସମୟ ରେ ଆମ ପ୍ରତିନିଧି କାର୍ଯ୍ୟାଳୟ ନିକଟରେ ତାଙ୍କୁ ଅପେକ୍ଷା କରି ପଚାରିଥିଲେ, ସେ ତାଙ୍କ ମତାମତ ରେ ଜଣାଇଲେ ଯେ ସରକାର ଆମକୁ କିଛି ସାହାଯ୍ୟ ଦେଉଛନ୍ତି କିନ୍ତୁ ଏଠି ଆମେ ନିଜେ ନମଲେ ସ୍ୱର୍ଗ ଦେଖିବୁନି । ସେଥିପାଇଁ ଯେତେ କଷ୍ଟ ହେଉ ପଛେ ୨ ମହଲା କଣ ୩ ମହଲା ବି ଚଢି ନିଜ ପ୍ରାପ୍ୟ ଆଣିବାକୁ ପଡେ, ଆମ ଦୟନୀୟ ଅବସ୍ଥା କିଏ କାହିଁ ଦେଖିବ, ଆମ ଭଳି ଅନେକ ଭିନ୍ନକ୍ଷମ ଆଜିବି ଏମିତି ପରିସ୍ଥିତି ରେ ଭତ୍ତା ଆଣିବାକୁ ଆସନ୍ତି ଆଉ ଭତ୍ତା ଟିକେ ନେଲେ ତ ଘରେ ତେଲ ଲୁଣ କିଣି ଭୋକିଲା ପେଟ କୁ ଆହାର ଯୋଗାଇ ବୁ, ଏହି କଥା ରେ ତାଙ୍କ ର ଲୁଚିଥିଲା ଅନେକ ଦୁଃଖଭରା ଅକୁହା କଥା, ଯାହା ଅତ୍ୟନ୍ତ ମର୍ମାହତ, ସେଥିପାଇଁ ଏହି ଭିନ୍ନକ୍ଷମ ଜଣକ ରାଜ୍ୟ ସରକାର ଙ୍କୁ ନିବେଦନ କରିଛନ୍ତି ଆମ ଭଳି ଭିନ୍ନକ୍ଷମ ମାନଙ୍କୁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ରେ ଭତ୍ତା ଟଙ୍କା ପ୍ରଦାନ କରନ୍ତୁ ଯେପରି ଆମେ ଏମିତି କା କଷ୍ଟ ଆଉ ଦେଖିବୁନୁ ।

# ବଦନାମ୍ ମୁଣ୍ଡାଉଛି ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

- ଟ୍ୟୁସନ କଟକଣା କେବଳ କାଗଜପତ୍ରରେ
- ତଦାରଖ ନାହିଁ କି ଅଭିଯୋଗକୁ ଖାତିର୍ ନାହିଁ



**ନୟାଗଡ଼,(ମହାଭାରତ) :** ପୁରାତନ ତଥା ଜିଲ୍ଲାର ପରିଚୟ କୁହାଯାଉଥିବା ନୟାଗଡ଼ ସ୍ୱୟଂଶାସିତ କଲେଜ ଆଜି ପୁଣି ଥରେ ବିବାଦ ଘେରକୁ ଆସିଛି। ବର୍ତ୍ତମାନ କଲେଜର କିଛି ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ସେଥିରେ ବାସ୍ତବତା କେତେ ରହିଛି ତାହା ଅନୁସନ୍ଧାନସାପେକ୍ଷ ହୋଇପଡ଼ିଛି। ଅଭିଯୋଗ ହେଉଛି, ଘରୋଇ ଟ୍ୟୁସନ ଯାଉନଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ନମ୍ବର କାଟି ଦିଆଯାଉଛି। ଯିଏ ପ୍ରତିବାଦର ସ୍ୱର ଉଠାଉଛନ୍ତି, ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ଏଭଳି ଏକ ସାଂଘାତିକ ଅଭିଯୋଗ ଆସିବା ପରେ କଲେଜର ପୁରାତନ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କ ମନରେ ଏକାଧିକ ପ୍ରଶ୍ନ ଉଙ୍କି ମାରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ କଲେଜ ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକ ଗଣମାଧ୍ୟମଠାରୁ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ଘଟଣାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। କିଛି ଦିନ ପୂର୍ବରୁ ଘରୋଇ ଟ୍ୟୁସନ ଯାଉନଥିବାରୁ ନମ୍ବର କଟିଥିବା ନେଇ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ବିଦ୍ୟାବିଜିତା ମହାନ୍ତି ଅଭିଯୋଗ କଲେ। ଏ ନେଇ ପ୍ରବଳ ତମ୍ବିତୋଫାନ ହେବା ପରେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରିଥିଲେ। ଏହି କମିଟି ଗଣିତ ଅଧ୍ୟାପିକା ନୀତା ମହନ୍ତଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ। ଫଳରେ ଛାତ୍ରୀ ଜଣକ କରିଥିବା ଅଭିଯୋଗ ମିଥ୍ୟା ବୋଲି ଏକରକମ ପ୍ରମାଣିତ ହୋଇଥିଲା। ମାତ୍ର ବିଦ୍ୟାବିଜିତାଙ୍କୁ ଉକ୍ତ ଅଧ୍ୟାପିକା ମାନସିକ ନିର୍ଯାତନା ଦେଉଥିବା ନେଇ ଗତ ସାତ ଦିନ ପୂର୍ବେ ଯେଉଁ ଅଭିଯୋଗ ଆସିଛି ତାହା ସତ୍ୟ ହୋଇଥିଲେ ନିଶ୍ଚିତ ଭାବେ ସାଂଘାତିକ ଘଟଣା। ପୂର୍ବରୁ ଛାତ୍ରୀ ଜଣକ ଯେଉଁ ଅଭିଯୋଗ ଆଣିଥିଲେ ତାହାର ଯଥାର୍ଥ ଅନୁସନ୍ଧାନ ଓ ତଦନ୍ତ ହେଇଥିଲା ତ ? ଏଭଳି ପ୍ରଶ୍ନ ଉଠାଇଛନ୍ତି କିଛି ବୁଦ୍ଧିଜୀବୀ ଛାତ୍ରୀଙ୍କୁ ଅନ୍ୟମାନଙ୍କ ସାମ୍ନାରେ ବାରମ୍ବାର ଅପମାନିତ କରିବା ଏମିତିକି ଧମକ ଦେବା ଘଟଣା ଆଦୌ ଗ୍ରହଣୀୟ ନୁହେଁ। ଏହାସହ ଯେହେତୁ ଏହି ଘଟଣା ଥାନାରେ ପହଞ୍ଚିଲାଣି, ଏହା ନିଶ୍ଚିତ ଭାବେ କଲେଜର ସମ୍ମାନ ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ପୂର୍ବ ଘଟଣାରେ କଲେଜ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, କୌଣସି ବି ଅଧ୍ୟାପକ ଓ ଅଧ୍ୟାପିକା ଘରୋଇ ଟ୍ୟୁସନରେ ପାଠ ପଢ଼ାଇବେ ନାହିଁ ବୋଲି ସରକାରଙ୍କ ଗାଇଡ୍ ?ଲାଇନ ସମସ୍ତଙ୍କୁ ଦିଆଯାଇଛି। ଏହା ସହ କଲେଜରେ ସେମାନଙ୍କ ଉପସ୍ଥିତି ଓ ଅନୁପସ୍ଥିତିକୁ ମଧ୍ୟ ଗୁରୁତ୍ୱର ସହ ଯାଞ୍ଚ କରାଯାଉଛି। ମାତ୍ର ଏହା ଯଦି ସତ୍ୟ ତେବେ ସହରରେ ଛତୁ ଫୁଟିବା ପରି ଗଢ଼ି ଉଠିଥିବା କୋଚିଂ ଓ ଟ୍ୟୁଟୋରିଆଲ୍ ଗୁଡ଼ିକରେ ପାଠ ପଢ଼ାଉଛି କିଏ ? ଏହାର ତଦନ୍ତ କାହିଁକି ହେଉନି ? କିଛି ଅଧ୍ୟାପକ ଖୋଲାଖୋଲି ସେଠାରେ ପାଠ ପଢ଼ାଉଥିବା ବେଳେ ଆଉ କିଛି ନିଜେ କୋଚିଂ ସେଣ୍ଟର ଖୋଲିଥିବା ଅଭିଯୋଗ ମଧ୍ୟ ହେଉଛି। ନିଜେ କୋଚିଂ ସେଣ୍ଟର ଖୋଲି ଛାତ୍ରଛାତ୍ରୀଙ୍କୁ ସେଠାକୁ ଯିବା ପାଇଁ ଏକ ପ୍ରକାର ଚାପ ପକାଉଛନ୍ତି। ନିଜର ପକେଟ୍ ଗରମ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଥିବା ଏହି ଅଧ୍ୟାପକ ଓ ଅଧ୍ୟାପିକ ମାନଙ୍କୁ ଚିହ୍ନଟ କରିବା ନିହାତି ଆବଶ୍ୟକ। ନଚେତ ହାତଗଣତି କେତେ ଜଣ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ପାଇଁ ଆଜି ସାରା କଲେଜ ବଦନାମ୍ ହେଉଥିବା ଚର୍ଚ୍ଚା ହେଉଛି।

## ଟାଟା ପାୱାର ବି.ଏ ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରିବା ଘଟଣା
# କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆହ୍ୱାନ

**ପାଟଣା,(ମହାଭାରତ) :** ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରିଥିବା ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବିଦ୍ୟୁତ୍ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ ତୁରୁମୁଙ୍ଗା ଅଞ୍ଚଳ ୪ଟି ଗାଁ ଅନ୍ଧାରରେ ରହିଥିବା ଜଣାପଡିଛି। ଘଟଣା ଟି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନ ଦେଖା ଦେଇଛି । ସୂଚନା ରୁ ପ୍ରକାଶ ଗତ ଜୁନ ୧୩ତାରିଖ କାଳବୈଶାଖୀ ଯୋଗୁଁ ତୁରୁମୁଙ୍ଗା ବିଦ୍ୟୁତ୍ କାର୍ଯ୍ୟାଳୟ ଅନ୍ତର୍ଗତ ମଇଦାନକେଲ ରୁ ବାଲିପଶି ମଧ୍ୟରେ ୨୭ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଥିବା ରୁ ୧୧କେଭି ଲାଇନ୍ କ୍ଷତିଗ୍ରସ୍ତ ହୋଇ ବିଦ୍ୟୁତ୍ ସେବା ରେ ବାଧାପ୍ରାପ୍ତ ହୋଇଥିଲା। ଜୁନ ୧୫ତାରିଖ ଦିନ ବି.ଏ ବିଦ୍ୟୁତ କର୍ମଚାରୀ ଗୟାଧର ମହାନ୍ତ,ମାନସ ମହାନ୍ତ ସୁପରଭାଇଜର କହ୍ନେଇ ବେହେରା ଙ୍କୁ ଲାଇନ୍ ମରାମତି କାର୍ଯ୍ୟ କରୁଥିବା ସମୟରେ ବାଲିପଶି ଗ୍ରାମର ଚିନ୍ତାମଣି ମହାନ୍ତ,ତରଣୀସେନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଲମ୍ବୋଦର ମହାନ୍ତ, ଶଙ୍କର୍ଷଣ ମହାନ୍ତ, ଓ ବାବାମଣୀ ମହାନ୍ତ ଅସଭ୍ୟ ଭାଷା ସହିତ ମାଡ଼ ମାରିଥିବା ଗଦାଧର ମହାନ୍ତ ତୁରୁମୁଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏକ ମାସ ବିତି ଯାଇ ଥିଲେ ବି ତୁରୁମୁଙ୍ଗା ପୋଲିସ କୁ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପାଟଣା , ତୁରୁମୁଙ୍ଗା,ସାହାରପଡା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ରେ ବି.ଏ ବିଦ୍ୟୁତ କର୍ମଚାରୀ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇ ବସି ରହି ତୁରୁମୁଙ୍ଗା ଥାନା ସମେତ ବୁଢିକାପୁଡି,ପୁଟୁଗାଁ, ଜଡିଚାତର ଓ ଚେମଣା ଆଦି ଗ୍ରାମ ଅନ୍ଧାରରେ ରହିଥିବା ବେଳେ ପାଣି ଯୋଗାଣ ବନ୍ଦ ରହିଥିବାରୁ ଲୋକେ ପାଣି ବିକଳରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳି ଛି। ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି।

# ଆଇଆଇଏସି ସଞ୍ଜୟ କୁମାର ପରିଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୋରାଇ,(ମହାଭାରତ) :** ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ସଞ୍ଜୟ କୁମାର ପରିଡାଙ୍କୁ କୋରାଇ ପ୍ରଖଣ୍ଡ ବଜରଙ୍ଗ ଦଳ ତରଫରୁ



ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଅଛି। ଶ୍ରୀଯୁକ୍ତ ପରିଡାଙ୍କୁ କୋରାଇ ପ୍ରଖଣ୍ଡ ବଜରଙ୍ଗ ଦଳର ସଂଯୋଜକ ବଙ୍ଗନ୍ ଖିଲାର ପୁଷ୍ପଗୋଛା ଓ ଉତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିବା ବେଳେ ସାଥିରେ ଥିଲେ କୋରାଇ ପ୍ରଖଣ୍ଡ ବଜରଙ୍ଗ ଦଳର ବିଦ୍ୟାର୍ଥୀ ପ୍ରମୁଖ ପ୍ରକାଶ ସାହୁ, ସପନ ମଲିକ, ରଞ୍ଜନ ଖିଲାର, ସରୋଜ ସାହୁ, ସୁନିଲ ନାଥ, ପ୍ରଦୀପ ସାଆନ୍ତାରା, ଅଙ୍କିତ ନାଥ, ପ୍ରକାଶ ମଲିକ, ବବଲୁ ମଲିକ, ଦିନେଶ ସାହୁ, ନରେଶ ନାଥ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସମ୍ଭାବନା ପରିବାର ପକ୍ଷରୁ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ

**ଜଟଣୀ,(ମହାଭାରତ) :** ପରିବେଶ ସନ୍ତୁଳନ ତଥା ସୁସ୍ଥ ପରିବେଶ ସୃଷ୍ଟି ନିମନ୍ତେ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ଭାବନା ପରିବାର ପକ୍ଷରୁ ସ୍ଥାନୀୟ କୁଦିଆରୀ ବଜାର ଅଞ୍ଚଳର ପମ୍ପୁ ପୋଖରୀ ନିକଟ ଶ୍ମଶାନ ଏବଂ କୁଦିଆରୀ ଗ୍ରାମ୍ୟ ଶ୍ମଶାନ ପରିସରରେ ଲିମ୍ବ, ଅଁଳା, କରଞ୍ଜ, ଅର୍ଜୁନ, ପେସ୍ତା ବାଦାମ, ଜାମୁକୋଳି, ରାଧାଚୁଡ଼ା, ଅର୍ଜୁନ, ପାଟଳୀ, ବର ଓ ଅଶ୍ୱତ୍ଥ ଭଳି ପ୍ରଜାତିର ପ୍ରାୟ ଦେଢ଼ଶହ ପାଖାପାଖି ବୃକ୍ଷ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜଟଣୀ ଥାନାଧିକାରୀ ସୌମ୍ୟକାନ୍ତ ବଳିଆରସିଂହ ଯୋଗଦେଇ ନିଜେ ମେସିନ୍ ସାହାଯ୍ୟରେ ନିଜେ ମାଟି ଖୋଳିବା ସହ ଚାରା ରୋପଣ କରିଥିଲେ ଓ ଥାନାଧିକାରୀ ଏପରି କାର୍ଯ୍ୟ ଯାହା କି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମନୋବଳ ବୃଦ୍ଧି କରିଥିଲା ଓ କେବଳ ସେତିକି ନୁହେଁ ବିଶେଷ କରି ଚାରାରୋପଣ କାର୍ଯ୍ୟକ୍ରମ ସହଜ କରିବାପାଇଁ ଥାନାଧିକାରୀ ଏକ ଗାତ ଖୋଳା ମେସିନ ଯୋଗାଇଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ



ଦାଶ, ସଂଗଠନ ସମ୍ପାଦକ ସଞ୍ଜୟ ବରିସଲ, ଉପସଭାପତି ଦିଲୀପ ସିଂ, ଶରତ କୁମାର ରେଡି, କୋଷାଧକ୍ଷ ରମାକାନ୍ତ ମହାରଣା, ନିରୂପମା ସ୍ୱାଇଁ , ସ୍ମିତା ପଟ୍ଟନାୟକ, ପ୍ରଶାନ୍ତ କୁମାର ସାହୁ,ସହ ସମ୍ପାଦକ ଅମିନ ରାଉତ ଓ ପରେଶ ପଟ୍ଟନାୟକ, ବରିଷ୍ଠ ସଭ୍ୟ ଲୁସେନ ରାୟ, ଯୁବ ସଂଗଠକ ପ୍ରଶାନ୍ତ କୁମାର ବେହେରା (ରବି), ବିଜୟ ଲକ୍ଷ୍ମୀ ବରିସଲ, ଅଭିପ୍ସା ପ୍ରିୟଦର୍ଶିନୀ ଓ ରଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ଚାରା ରୋପଣ କରିଥିଲେ । ଏହି ବୃକ୍ଷ ଚାରା ରୋପଣ କାର୍ଯ୍ୟକ୍ରମ ଆଗାମୀ ଏକ ମାସ ମଧ୍ୟରେ ଆହୁରି ଅନେକ ସ୍ଥାନରେ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ସ୍ତ୍ରୀ କୁ ପଥରରେ ଛେଚି ମାରିଲା ଜହ୍ଲାଦ ସ୍ୱାମୀ



**କପ୍ତିପଦା,(ମହାଭାରତ) :** ପାରିବାରିକ କଳହର କରୁଣ ପରିଣତି, ସାମାନ୍ୟ ବଚସା ରୁ ସ୍ତ୍ରୀ କୁ ଅତି ନିର୍ମମ ଭାବେ ହତ୍ୟା କରିଛି ସ୍ୱାମୀ। ଏଭଳି ଘଟଣା ଘଟିଛି ଖୁଣ୍ଟା ଥାନା ବାଲିଯୋଡ଼ି ଗ୍ରାମରେ। ଗ୍ରାମର ଶୁକଦେବ ସିଂ ରାତିରେ ବଜାର ରୁ ଫେରି ଘରେ ପହଞ୍ଚିଥିଲେ। ଘରେ ପହଂଚିବା ପରେ କୌଣସି କାରଣକୁ ନେଇ ଶୁକଦେବ ଏବଂ ତାଙ୍କ ସ୍ତ୍ରୀ କୁନିମଣି ସିଂଙ୍କ ମଧ୍ୟରେ ବଚସା ହୋଇଥିଲା। ଘର ଭିତରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ଝଗଡା ଏତେ ଉଗ୍ରରୂପ ନେଇଥିଲା ଯେ ସ୍ୱାମୀ ଶୁକଦେବ ଏକ ପଥରରେ ସ୍ତ୍ରୀର ମୁଣ୍ଡ କୁ ଛେଚି ଦେଇଥିଲା। ଯାହାକି ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ସକାଳୁ ଶୁକଦେବ ତାଙ୍କ ସ୍ତ୍ରୀ କୁ ମାରିଦେଇଥିବା କଥା ପରିବାର ଲୋକଙ୍କୁ କହିଥିଲେ। ହେଲେ ଏହି ଘଟଣାକୁ ପରିବାର ଲୋକେ କାହାକୁ ଜଣାଇ ନ ଥିଲେ। ତେବେ ଗତକାଲି ବିଳମ୍ବିତ ରାତିରେ ପୋଲିସ ଜାଣିବା ପରେ ମୃତଦେହ ଜବତ କରିବା ସହିତ ଅଭିଯୁକ୍ତ ସ୍ୱାମୀକୁ ଥାନାରେ ଅଟକ ରଖିଛି। ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କୁ ତ୍ୱରାନ୍ୱିତ କରିଛି।

# ଗଛ ଡାଳ ପଡି ଯୁବକଙ୍କ ମୃତ୍ୟୁ



**ହାଟଡିହି,(ମହାଭାରତ) :** ଆଧ୍ୟାତ୍ମିକ ମନୋଭାବ ନେଇ ଗାଁ ପିଲା ମିଶି ମନ୍ଦିର କାମ କରୁଥିଲେ । ଏହି ସମୟରେ ମନ୍ଦିର ଠାରେ ବାହାରିଥିଲା ଏକ ବିଷଧର ସାପ । ସାପ ଘଉଡାଇ ମନ୍ଦିର ନିକଟରେ ଏକ ଗଛ ମୂଳରେ ସମସ୍ତେ ଠିଆ ହୋଇଥିଲେ । ସେହି ସମୟରେ ପୂର୍ବରୁ ପବନରେ ଭାଙ୍ଗି ଅଧା ଲଟକି ରହିଥିବା ଏକ ବିରାଟକାୟ ଗଛ ଡାଳ ଖସିପଡିଥିଲା । ତଳେ ଠିଆ ହୋଇଥିବା ଯୁବକଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଦୁଃଖଦ ଓ ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ତରଭା ଗାଁରେ । ମୃତ ଯୁବକ ଗାଁର ପ୍ରକାଶ ସେଠୀ । ତାଙ୍କ ବୟସ ୨୨ ବର୍ଷ ବୋଲି ଜଣାପଡିଛି। ପ୍ରକାଶଙ୍କ ଏଭଳି ମୃତ୍ୟୁକୁ ନେଇ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ହେଲେ ଶ୍ରୀ ପ୍ରଦୀପ କୁମାର ବେହେରା



**ଜଟଣୀ,(ମହାଭାରତ) :** ଶ୍ରୀ ପ୍ରଦୀପ କୁମାର ବେହେରା ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ,ଏହାପୂର୍ବରୁ ପୂର୍ବ ତଟ ରେଳବାଇ, ଭୁବନେଶ୍ୱର ରେ, ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର (ନିର୍ମାଣ) -II, ଭାବରେ କାର୍ଯ୍ୟ କରୁଥିଲେ ।ଶ୍ରୀ ପ୍ରଦୀପ କୁମାର ବେହେରା ହେଉଛନ୍ତି ୧୯୯୮ ବ୍ୟାଚ୍ ଅଫ୍ ଇଣ୍ଡିଆନ୍ ରେଲୱେ ସର୍ଭିସେସ୍ ଅଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ (ଓଜଝରର) ର ଅଟନ୍ତି । ସେ ଏନଆଇଟି, ରାଉରକେଲା ରେ ବି-ଟେକ୍ କରିଛନ୍ତି। ସେ ପୂର୍ବତଟ ରେଳବାଇରେ ବିଭିନ୍ନ କ୍ଷମତାରେ କାର୍ଯ୍ୟ କରିଛନ୍ତି ଯଥା ମୁଖ୍ୟ ବଦ୍ୟୁତିକ ଇଞ୍ଜିନିୟର (ନିର୍ମାଣ), ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଅପରେସନ୍), ଖୋର୍ଦ୍ଧା ରୋଡ଼ ଏବଂ ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଜେନେରାଲ୍), ଖୋର୍ଦ୍ଧା ରୋଡ଼ ଇତ୍ୟାଦି ।

# ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ,ଜଣେ ଗୁରୁତର



**ବରୀ,(ମହାଭାରତ) :** ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରତଳାଙ୍ଗ ପଂଚାୟତ ଖଜୁରୀପୋଖରୀ ଗ୍ରାମର ସହଦେବ ଯେନାଙ୍କୁ ପୂର୍ବ ଶତ୍ରୁତାଲୁ ନେଇ ଆକ୍ରମଣ କରାଯାଇଥିବା ତାଙ୍କ ପତ୍ନୀ ପ୍ରତିମା ଯେନା ବରୀ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ଦୀର୍ଘଦିନ ଧରି ପାରିବାରିକ ସମସ୍ୟାକୁ ନେଇ ଦୁଇ ପରିବାର ମଧ୍ୟରେ ତିକ୍ତତା ଲାଗିରାହିଥିଲା। ମାତ୍ର ସହଦେବ ଯେନା ବରୀ ମାଉଣ୍ଡ ରୁ ହାଟ ସଉଦା ସାରି ନିଜ ଘରକୁ ଫେରିବା ସମୟରେ ସେହି ଗ୍ରାମର କିଛି ଯୁବକ ସଂଘବଧ ଭାବେ ତାଙ୍କୁ ଆକ୍ରମଣ କରିଥିବା ସହଦେଙ୍କ ପତ୍ନୀ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ସହଦେବଙ୍କୁ ସ୍ଥାନୀୟ ଲୋକମାନେ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଦାୟିତ୍ୱରେ ଥିବା ଡାକ୍ତର ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଥିବାର ସୂଚନା ମିଳିଛି। ଘଟଣା ସ୍ଥଳରେ ଉତେଜନାକୁ ଲକ୍ଷ୍ୟ କରି ବରୀ ପୋଲିସ ତରଫରୁ ୪୩୩/ ୨୪ ରେ ଏକ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ କରାଯାଉଛି ବୋଲି ଦାୟିତ୍ୱ ରେ ଥିବା ପୋଲିସ ଅଧିକାରୀ ରମାକାନ୍ତ ନାୟକ କହିଛନ୍ତି।

# ଆସିକା ସ୍ୱଚ୍ଛ ସାଥି ଓ ସୁପରଭାଇଜର ସଂଘ ବିକ୍ଷୋଭ



**ଆସିକା,(ମହାଭାରତ) :** ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ର ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ସ୍ୱଚ୍ଛ ସାଥି ଓ ସ୍ୱଚ୍ଛ ସୁପରଭାଇଜର ମାନଙ୍କ ବର୍ଦ୍ଧିତ ଦରମା ସାଙ୍ଗକୁ ଅନ୍ୟାନ ନ୍ୟାର୍ଯ୍ୟ ଦାବୀ ନେଇ ଆସିକା ଶାଖା ପକ୍ଷରୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ପ୍ରଦାନ କରିଥିବା ଦାବୀ ଗୁଡିକ ମଧ୍ୟରେ ଓଡ଼ିଶାରେ କାର୍ଯ୍ୟରତ ସ୍ୱଚ୍ଛ ସାଥି ଓ ସ୍ୱଚ୍ଛ ସୁପରଭାଇଜର ମାନଙ୍କୁ ବିନା କୌଣସି ସର୍ତ୍ତ ରେ ବର୍ଦ୍ଧିତ ଦରମା ପ୍ରଦାନ,କାର୍ଯ୍ୟରେ ନିୟମିତ ନିଯୁକ୍ତି କରିବା,ଶ୍ରମ ଆଇନ ଅନୁସାରେ ସମାନ ମଜୁରୀ ପ୍ରଦାନ, ସରକାରୀ କର୍ମଚାରୀ ମାନଙ୍କୁ ମିଳୁଥିବା ସରକାରୀ ଛୁଟି ସହ ସବୈତେନିକ ପ୍ରଦାନ, ୟୁର୍ଜସ ଫି ସଂଗ୍ରହ ସମୟରେ କର୍ମଚାରୀ ମାନଙ୍କୁ ସୁରକ୍ଷା ପ୍ରଦାନ, ୟୁର୍ଜସ ଫି ଦେୟ ସଂଗ୍ରହ ସହିତ ମାସିକ ଦେୟ ସମ୍ପୃକ୍ତ ନକରିବା,ସାମାଜିକ ସୁରକ୍ଷା, ବୀମାଭୁକ୍ତ ସହ ୟୁନିଫର୍ମ ପ୍ରଦାନ,କର୍ମଚାରୀ ମାନଙ୍କୁ ପ୍ରସୂତୀ କାଳୀନ ୦୬ ମାସ ଛୁଟି ସହ ସବୈତେନିକ ପ୍ରଦାନ,ଏପିଏଫ ଓ ଇ ଏସ ଆଇ ପ୍ରଦାନ କରିବାକୁ ସଂଘ ଦାବୀ କରିଛି। ଆସିକା ଏନଏ ସି ରେ କାର୍ଯ୍ୟରତ ନମିତା ଗୌଡ଼,ମିନତୀ ମହାନ୍ତି, ଯଂଜ୍ଞଶିନୀ ପୋଲାଇ, ଡି. ରଶ୍ମି ଦୋରା, ଜ୍ୟୋତି ଦୋରା, ପ୍ରଭାସିନୀ ବେହେରା,ବି. ସଂଗୀତା, ପୂଜାରାଣୀ ବିଷୋୟୀ, ପ୍ରିୟମ୍ବଦା ପାଢ଼ୀ, ରଶ୍ମି ଆଚାରୀ, ରାଜଲକ୍ଷ୍ମୀ ଆଚାରୀ,ପାବନୀ ଆଚାରୀ, ପ୍ରମୁଖ ଏହି ବିକ୍ଷୋଭ ପ୍ରଦର୍ଶନ ରେ ଉପସ୍ଥିତ ରହିଥିଲେ ।

# ସଚେତନତା ରଥର ଶୁଭାରମ୍ଭ



**ଅନୁଗୋଳ,(ମହାଭାରତ) :** ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆର ସଚେତନତା ଉପଲକ୍ଷେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ରଥର ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ଡେଙ୍ଗୁ ଓ ମ୍ୟାଲେରିଆର ଲକ୍ଷଣ ଓ ପ୍ରତିକାର ଉପରେ ସଚେତନ କରିବା ସହ ଡାଇରିଆରୁ ରକ୍ଷା ପାଇବା ପାଇଁ ଉପାୟ ଗୁଡିକ ଉପରେ ସଚେତନ କରିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍ ?ଗାତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର ଓ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ନିରୁପମା ଦାସ ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ କୌଶଳ ରଥକୁ ସ୍ୱାଗତ



**ଗୁଣୁପୁର,(ମହାଭାରତ) :** ଗତ ୧୫ ତାରିଖରେ ବିଶ୍ୱ ଯୁବ ଦକ୍ଷତା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଗୋଟି କୌଶଳ ରଥର ଶୁଭାରମ୍ଭ କରିଥିଲେ । ଏହି କୌଶଳ ରଥ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ଓ ନିୟୋଜନ କାର୍ଯ୍ୟାଳୟ ମିଳିତ ଅନୁକୂଲ୍ୟରେ ଆଜି ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ରେ ପହଂଚି ଥିଲା। ପରେ ସେହି ରଥ କୁ ବିଶ୍ୱବିଦ୍ୟାଳୟ ର ରେଜିଷ୍ଟ୍ରାର ଡ଼ଃ ଏନ ଭି ଜଗନ୍ନାଧା ରାଓ ସ୍ୱାଗତ ଜଣାଇଥିଲେ । ଏହି ରଥ ଯୁବପିଢିଙ୍କୁ ମାଗଣା ଡିଜିଟାଲ ଶିକ୍ଷା ଓ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଡିଜିଟାଲ କାରବାରକୁ ବୃଦ୍ଧି କରିବା ସହ ଯୁବ ପିଢିଙ୍କ ସାମର୍ଥ୍ୟ କୁ ବିକାଶ କରିବା ଏହାର ଲକ୍ଷ୍ୟ ବୋଲି ଜଣାପଡିଛି । ପରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ସେଥିରେ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ରଥରେ ଥିବା ବିଭିନ କୌଶଳ ସମ୍ବନ୍ଧୀୟ ଦେଖିବା ସହ ନିଜ ନିଜ କୌଶଳ ପ୍ରଦର୍ଶିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ଓ ନିୟୋଜନ ଅଧିକାରୀ ତତ୍ୱ ମସୀ ମହାପାତ୍ର, କନିଷ୍ଠ ନିୟୋଜନ ଅଧିକାରୀ ସନ୍ତୋଷ କୁମାର ନନ୍ଦ , ଦକ୍ଷତା ନିର୍ଦ୍ଦେଶାଳୟ ର ପ୍ରିୟ ରଞ୍ଜନ ଦାସ ,ବିଶ୍ୱବିଦ୍ୟାଳୟର ପ୍ରଫେସର ରାଧା କୃଷ୍ଣ ପାଢ଼ୀ , ରାଧା ନାଥ ପାତ୍ର, ରଂଜିତ ପାଣିଗ୍ରାହୀ , ଆଶିଷ ସାମଲ, ଗୋପାଳ କୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ । ପରିଶେଷରେ ପ୍ରଫେସର ବାଣୀ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାତ ପୁରୁଷିଆ କାଙ୍ଗାଳ,ସରକାରୀ ଜମିବିକ୍ରି ଦଲାଲ ମାଲେମାଲ




**ଜୁନାଗଡ,(ମହାଭାରତ) :** କଳାହାଣ୍ଡି ଜିଲ୍ଲାର ପୁରାତନ ଗଡଜାତ ରାଜଧାନୀ ଜୁନାଗଡ଼ ସହରରେ ଏବେ ଜମି ମାଫିଆ ସକ୍ରିୟ ଅଛନ୍ତି।ଅନେକ ଲୋକ ସରକାରୀ ଜମିକୁ ନିଜ ଦଖଲରେ ରଖି ବିକ୍ରି କରୁଥିବା ଜଣାଯାଏ। କିଛିଲୋକ ପଟ୍ଟା ଜମିକୁ କିଣି ,ତତ ସଂଲଗ୍ନ ସରକାରୀ ଜମିକୁ ମଧ୍ୟ ବିକ୍ରିକରୁଥିବା ଶୁଣାଯାଏ।ଜମି ବିକ୍ରିବଟାର ଗୋଲକ ଧନ୍ଦାରେ ନିରୀହ ଲୋକେ ସାଗମାଛ ଦରରେ ଜମିବିକ୍ରି କରି ସର୍ବସାନ୍ତ ହେଲେଣି। ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଜମି ଚିହ୍ନଟ ଓ ଜବରଦଖଲ ଉଚ୍ଛେଦ, ବଡ଼ ବଡ଼ ବେଆଇନ କୋଠା ଭାଙ୍ଗିବା ନିଷ୍ପତ୍ତି ପରେ ବେଆଇନ ଜମି କାରବର ଓ ନିର୍ମାଣରେ ସଂଶ୍ଳିଷ୍ଟ ଥିବା ଲୋକଙ୍କୁ ଛନକା ପଶିଛି। ପ୍ରାପ୍ତ ପ୍ରକାଶିତ ସୂତ୍ରରୁ ଜଣାଯାଏ ଯେ, ଜୁନାଗଡ଼ରେ ଥିବା ୩୯ ଏକର ସରକାରୀ ଜାଗାକୁ ୪୭୭ ଜଣ ଜବର ଦଖଲ କରି ରଖିଛନ୍ତି। କିଛି ବର୍ଷ ପୂର୍ବେ ତତ୍କାଳୀନ ତହସିଲଦାର ସୂର୍ଯ୍ୟ ନାରାୟଣ ଦାସ ଜୁନାଗଡ଼ର ସରକାରୀ ଜମିକୁ ଚିହ୍ନଟ କରି ଖୁଣ୍ଟ ପୋତିବା ସହ ତାରବାଡ ମଧ୍ୟ ଦେଇଥିଲେ। ତାଙ୍କ ବଦଳିର କିଛି ବର୍ଷ ପରେ ପୁଣିଥରେ ତତ୍କାଳୀନ ତହସିଲଦାର ଉପେନ୍ଦ୍ର ଲୁହା ମଧ୍ୟ ସରକାରୀ ଜମିକୁ ଜବରଦଖଲ କରିଥିବା ଲୋକଙ୍କୁ ନୋଟିସ୍ କରିବା ସହ ସରକାରୀ ଜମିକୁ ଚିହ୍ନଟ ମଧ୍ୟ କରିଥିଲେ। ହେଲେ ଶ୍ରୀ ଲୁହାଙ୍କ ବଦଳି ପରେ କେତେ ତହସିଲଦାର ଆସିଲେ କେତେ ଗଲେ କେହି ମଧ୍ୟ ଏ ଉପରେ ଧ୍ୟାନ ଦେଲେ ନାହିଁ । ଜମି ମାଫିଆ ଓ ଦଲାଲ ମାନେ ସକ୍ରିୟ ହୋଇ ମନଇଚ୍ଛା ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେଇଗଲେ । ଅନେକ ଜମି ମାଫିଆ ବେସରକାରୀ ଜମି ପାଖରେ ସରକାରୀ ଜମିକୁ ନିଜ ଆୟତରେ ରଖି ପରେ ପ୍ଲଟିଂ କରି ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି । ବର୍ତମାନ ଜୁନାଗଡ଼ର ମୂଳ ନିବାସୀ ଦୂର୍ବିସହ ଭାବେ ବାସ ବାସ କରୁଥିବା ବେଳେ ମାଫିଆମାନେ ସରକାରୀ ଜମିକୁ ନିଜ ଆୟତରେ ରଖିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଜବରଦଖଲ ଉଚ୍ଛେଦ କରି ଦୟନୀୟ ଅବସ୍ଥାରେ ରହୁଥିବା ଗରିବ ଲୋକଙ୍କ ଥଇଥାନ ବ୍ୟବସ୍ଥା କରିବାକୁ ଦାବି ହେଉଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୁଚନା ଅନୁଯାୟୀ, ସରକାରଙ୍କ ଦ୍ୱାରା ଏକ ଚିଠା ମଗାଯାଇଥିଲା, ଯାହା ବିଭାଗ ତରଫରୁ ସରକାରଙ୍କୁ ପଠାଯାଇଛି ।ସରକାରଙ୍କ ସରକାରୀ ଜମି ଜବରଦଖଲ ଓ ଉଚ୍ଛେଦ ନିଷ୍ପତ୍ତିକୁ ନେଇ ଜମି ଦଲାଲ, ସରକାରୀ ଜମିରେ ଜବରଦଖଲ କାରୀ, ସରକାରୀ ଜମି ବିକ୍ରିକରୁଥିବା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି।

# ପ୍ୟାରିସ୍ ଅଲମ୍ପିକ୍‌ରେ ଭୟଙ୍କର ହିଟ୍‌ୱେଭର ବିପଦ

## ପଦକ ପାଇବା ରେସ୍ ହୋଇପାରେ ପ୍ରାଣଘାତୀ !

ନୂଆଦିଲ୍ଲୀ, ୨୩।୭: ପ୍ରାୟ ୧୦୦ ବର୍ଷ ପରେ ପ୍ୟାରିସ୍ ଅଲମ୍ପିକ୍ ଆରମ୍ଭ ହେଉଛି। ଏଠାରେ ଗତ ଅଲମ୍ପିକ ୧୯୪୭ ରେ ହୋଇଥିଲେ। ଏତେ ବର୍ଷ ପରେ ତାପମାତ୍ର ୧.୮ ଡିଗ୍ରୀ ସେଲସିୟସ୍ ବଢିସାରିଛି ୧୦୦ ବର୍ଷରେ ହିଟେ୍‌ୱଭର ୫୦ଟି ଘଟଣା ପ୍ୟାରିସରେ ହୋଇସାରିଛି। ତେଣୁ ଖେଳାଳି ଓ ଆୟୋଜକଙ୍କୁ ଏହି କଥା ନେଇ ଚିନ୍ତା ରହିଛି ଯେ, ଖେଳ କିପରି ଆୟୋଜନ ହେବ ?

୨୦୦୩ ରେ ହିଟେ୍‌ୱଭ୍ ଯୋଗୁଁ ଫ୍ରାନ୍ସରେ ୧୪ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ସେବେଠାରୁ ନେଇ ଗରମ ବଢିବାରେ ଲାଗିଛି। ପ୍ରାୟ ୧୦ ଗୁଣା ବଢି ଯାଇଛି। ଗରମ କାରଣରୁ ପ୍ୟାରିସରେ ମୃତ୍ୟୁ ସଂଖ୍ୟା ୭୦ ପ୍ରତିଶତ ବୃଦ୍ଧି ହୋଇଛି। ଅଲମ୍ପିକ୍ ବେଳେ ପ୍ୟାରିସ୍ରେ ଦୁଇ ସପ୍ତାହ




ପର୍ଯ୍ୟନ୍ତ ହିଟୱେଭର ଆଶଙ୍କା ରହିଛି। ଏହା ପୂର୍ବରୁ ଏଭଳି ୨୦୦୩ ରେ ହୋଇଥିଲା। ତା ଠାରୁ ଅଧିକ ଖରାପ ସ୍ଥିତି ଏଥର ହୋଇପାରେ ବିଂଶ ଶତାବ୍ଦୀରେ ତାପମାତ୍ରା ରେକର୍ଡ ଭାଙ୍ଗିବା ସହଜ ନଥିଲା କିନ୍ତୁ ଏବେ ଏହା ପ୍ରତିଦିନ ରେକର୍ଡ ଭାଙ୍ଗିବାରେ ଲାଗିଛି। ଏକ ଷ୍ଟଡି ରିପୋର୍ଟ ଦ ଲାନସେଣ୍ଟ ପ୍ଲାନେଟ୍ ହେଲଥ୍ ଜର୍ଣ୍ଣାଲରେ ଗତ ବର୍ଷ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ପୁରା ୟୁରୋପରେ ପ୍ୟାରିସ୍ରେ ସବୁଠାରୁ ଅଧିକ ୮୫୪ ଜଣଙ୍କ ମୃତ୍ୟୁ ହିଟେ୍‌ୱଭ୍ ଓ ଗରମ କାରଣରୁ ହୋଇଛି।

ଏହାପଛର ସବୁଠାରୁ ବଡ କାରଣ ହେଉଛି ଅଧିକ ଘନତ୍ୱ ଥିବା ଜନସଂଖ୍ୟା। ଜୁଲାଇ ୨୦୧୯ରେ ପ୍ୟାରିସରେ ସର୍ବାଧିକ ତାପମାତ୍ରା ୪୨.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଏଥର ଅଧିକ ରହିବାର ଆଶଙ୍କା ରହିଛି। ଅଲମ୍ପିକରେ ଅଧିକ ଗରମ କାରଣରୁ ମାରାଥନ, ଟେନିସ୍, ଭଲିବଲ୍ ଖେଳାଳିଙ୍କୁ ସମସ୍ୟା ହୋଇପାରେ। ଗତ ଥର ଟୋକିଓ ଅଲମ୍ପିକ୍ ସବୁଠାରୁ ଗରମ ଇଭେଣ୍ଟ ବୋଲି କୁହାଯାଉଥିଲା। ସେଠାରେ ୩୦ ଡିଗ୍ରୀ ସେଲସିୟସରୁ ଅଧିକ ତାପମାତ୍ରା ଥିଲା। ଏହା ସହିତ ୮୦% ଆଦ୍ରତା ଥିଲା ଏହାପରେ ବି ଖେଳାଳିଙ୍କ ସ୍ଥିତି ଗରମ କାରଣରୁ ବିଗିଡି ଯାଇଥିଲା।

# ଆମେରିକାରୁ ପୁଣି ଖେଳିବେ ଗ୍ରିନର

ଫୋନିକ୍ସ (ୟୁଏସ), ୨୩।୭: ବ୍ରିଟନୀ ଗ୍ରିନର ୟୁଏସ୍ଏ ବାସ୍କେଟବଲ୍ ଜର୍ସି ପୁଣି ପିନ୍ଧିବେ। ଏକଥା ତାଙ୍କ କଳ୍ପନା ବାହାରେ ଥିଲା। ଦୁଇଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ପାଖରେ ଡ୍ରଗ୍ସ ରଖିବା ଓ ସ୍ମଗଲିଂ କରିବା ଅଭିଯୋଗରେ ୨୦୨୨ରେ ରୁଷିଆର ଏକ ବନ୍ଦୀଶାଳାରେ ଥିଲେ। ମାତ୍ର ୧୦ମାସ ପରେ ଏକ ହାଇ ପ୍ରୋଫାଇଲ ବନ୍ଦୀ ବିନିମୟରେ ସେ ଜେଲ୍‌ରୁ ଖଲାସ ହେବାପରେ। ତାଙ୍କ ଦେଶ ତରଫରୁ ଖେଳିବା ପାଇଁ ସେ ପୁଣି ସୁଯୋଗ ପାଇଛନ୍ତି। ବର୍ତ୍ତମାନ ୧୯ମାସ ଅତିକ୍ରମ କରିବା ପରେ ସେ ଆମେରିକା ତରଫରୁ ପ୍ୟାରିସ ଗେମ୍ସରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ରୁଷିଆରୁ ଫେରିବା ପରେ ପ୍ରଥମ ଥର ସେ ବିଦେଶରେ ଖେଳିବାକୁ ଯାଉଛନ୍ତି। ଶନିବାର ତାଙ୍କ ଦଳ ଅଲ୍-ଷ୍ଟାର ଗେମ୍‌ରେ ଖେଳିବା ପୂର୍ବରୁ ସେ ତାଙ୍କ ଜର୍ସି ନମ୍ବର-୧୫ ୟୁଏସ୍ ପରିଧାନ କରିଥିଲେ।

# ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ନେଇ କୌଣସି ଯୋଜନା ନାହିଁ : ପିସିବି

କରାଚି: ଭାରତ ଓ ପାକିସ୍ତାନ କ୍ରିକେଟ ଦଳ ମଧ୍ୟରେ କ୍ରିକେଟ ସିରିଜ ଦେଖିବାକୁ କ୍ରିକେଟପ୍ରେମୀମାନେ ଅନେକ ଦିନ ହେଲା ଅପେକ୍ଷା କରିରହିଛନ୍ତି। ଉଭୟ ଦଳ ଆଇସିସି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ପୁଣି ଥରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। କିନ୍ତୁ ନିକଟ ଭବିଷ୍ୟତରେ ଦ୍ୱିପାକ୍ଷିକ ଶୃଙ୍ଖଳାର କୌଣସି ସମ୍ଭାବନା ନାହିଁ।




ଭାରତ ବିପକ୍ଷରେ ବିଦେଶରେ ଟି-୨୦ ଶୃଙ୍ଖଳା ଖେଳିବାକୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପ୍ରସ୍ତାବ ଦେଇନାହିଁ ଏବଂ ଚାମ୍ପିୟନ୍ସ ଟ୍ରଫିସୁରୁଖୁରୁରେ ଆୟୋଜନ ଉପରେ ଏହାର ଫୋକସ୍ ରହିଛି।

ପିସିବି ଅଧ୍ୟକ୍ଷ ମୋହସିନ ନକଭି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅଧିକାରୀଙ୍କ ସହ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆରେ କୌଣସି ବିଦେଶୀ ଭେନ୍ୟୁରେ ଟି-୨୦ ଶୃଙ୍ଖଳା ଆୟୋଜନ କରିବା ନେଇ ଆଲୋଚନା କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏଭଳି କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ ବର୍ତ୍ତମାନ ଆମ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି। ଚାମ୍ପିୟନ୍ସ ଟ୍ରଫିକୁ ଠିକ୍ ଭାବରେ ଆୟୋଜନ କରିବା ଏବଂ ଆମର ଏକ ପୂର୍ଣ୍ଣ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଅଛି ବୋଲି ପିସିବି କହିଛି।

# କ'ଣ ରହିବ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି-୨୦ରେ ଚୂଡ଼ାନ୍ତ ଏକାଦଶ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳ ଶ୍ରୀଲଙ୍କା ଗସ୍ତ କରିଛି। ଭାରତୀୟ ଦଳ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ଏବଂ ଦିନିକିଆ। ଶୃଙ୍ଖଳା ଖେଳିବ। ଜୁଲାଇ ୨୭ରୁ ଟି-୨୦ ସିରିଜ୍ ଖେଳାଯିବ। ଅନ୍ୟପଟେ ଅଗଷ୍ଟ ୨ରୁ ଦିନିକିଆ। ଶୃଙ୍ଖଳା ଖେଳାଯିବ। ଏହା ପୂର୍ବରୁ ଟି-୨୦ ସରିଜରେ କେମିତି ରହିବ ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍ରୁ ଭାରତୀୟ ଦଳର ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି। ନୂଆ। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ତତ୍ତ୍ୱାବଧାନରେ ଭାରତୀୟ ଦଳ ସିରିଜ ଖେଳିବ। ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡ଼େଜାଙ୍କ ସନ୍ନ୍ୟାସ ପରେ ନୂତନ ଦଳ ପାଇଁ ପ୍ରସ୍ତୁତି ଚାଲିଛି। ଏମିତିରେ ଏହି ଟି-୨୦ ସିରିଜରେ ଯେଉଁ ଖେଳାଳିଙ୍କୁ ଦଳରେ ସୁଯୋଗ ମିଳିଛି, ସେମାନେ ୨୦୨୬ ଟି-୨୦ ବିଶ୍ୱକପ୍ ଖେଳିପାରନ୍ତି ବୋଲି ଆଶା ରହିଛି। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି-୨୦ରେ ଉପ ଅଧିନାୟକ ଶୁଭମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ ଇନିଂସର ଆରମ୍ଭ କରି ପାରନ୍ତି। ଏହାପରେ ତିନି ନମ୍ବରରେ ଋଷଭ ପନ୍ତ ଖେଳି ପାରନ୍ତି।ପରେ ସୂର୍ଯ୍ୟକୁମାର ଯାଦବ ୪ ନମ୍ବରରେ ବ୍ୟାଟିଂ କରିବେ।ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ ଓ ଶିବମ ଦୁବେ ଫିନିସର ଭୂମିକାରେ ନଜର ଆସିବେ। ଦୁବେ ଷଷ୍ଠ ବୋଲିଂ ବିକଳ୍ପ ମଧ୍ୟ ରହିବେ। ସ୍ପିନ ବିଭାଗରେ ଅକ୍ଷର ପଟେଲ ଏବଂ ରବି ବିଷ୍ଣୋଇ ନିଜର ଦାୟିତ୍ୱ ସମ୍ଭାଳିବେ। ପଟେଲ ଆଠ ନମ୍ବରରେ ବ୍ୟାଟିଂ କରିବେ ଏବଂ ଦଳର ବ୍ୟାଟିଂ କ୍ରମ ଆହୁରି ମଜବୁତ ରହିବ। ହାର୍ଦ୍ଦିକ ଥିବାରୁ ସୂର୍ଯ୍ୟକୁମାର ଦୁଇ ଜଣ ଦ୍ରୁତ ବୋଲରଙ୍କ ସହ ମଇଦାନକୁ ଓହ୍ଲାଇ ପାରନ୍ତି।

ସମ୍ଭାବ୍ୟ ଚୂଡ଼ାନ୍ତ ଏକାଦଶ

ଶୁଭମନ ଗିଲ୍(ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତ(ୱିକେଟ୍ କିପର), ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ଶିବମ ଦୁବେ, ଅକ୍ଷର ପଟେଲ୍, ରବି ବିଷ୍ଣୋଇ, ଅର୍ଶଦୀପ ସିଂ ଓ ମହମ୍ମଦ ସିରାଜ।

# ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ବଂଶୋଭବ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଭାରତ ଏଥର ଅଲିମ୍ପିକ୍ସକୁ ୧୧୭ ଜଣିଆ ଦଳ ପଠାଇଛି। ପୂର୍ବ ସଂସ୍କରଣଗୁଡ଼ିକ ଅପେକ୍ଷା ଏଥର ଭାରତ ପଦକରେ ନିଜ ରେକର୍ଡ କାଟିବ ବୋଲି ଆଶା ରଖିଛି। ତେବେ ପ୍ୟାରିସ୍‌ରେ କେବଳ ଭାରତୀୟ ନୁହନ୍ତି, ଅନ୍ୟ ଦେଶକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଭାରତୀୟ ବଂଶୋଭବମାନେ ମଧ୍ୟ ଆକର୍ଷଣର କେନ୍ଦ୍ର ପାଲଟିବେ। ରାଜୀବ ରାମ୍ (ଆମେରିକା, ଟେନିସ୍): ବେଙ୍ଗାଲୁରୁର ମୂଳ ବାସିନ୍ଦା। ରାଜୀବ ରାମ୍‌ଙ୍କ ପରିବାର ଆମେରିକାରେ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଡେନଭରରେ ରାଜୀବଙ୍କ ଜନ୍ମ ହୋଇଥିଲା ବେଳେ ଆମେରିକା ଟେନିସ୍ ଖେଳାଳିଙ୍କ ଭିତରେ ଜଣେ ଚର୍ଚ୍ଚିତ ନାଁ ହୋଇଯାଇଛି। ସେ ୪୦ ବର୍ଷୀୟ ରାଜୀବଙ୍କ ପିତା ରାଘବଙ୍କର ୨୦୧୯ ଏପ୍ରିଲ୍‌ରେ ପାନ୍‌କ୍ରିଆଟିକ୍ କର୍କଟରେ ପରଲୋକ ଘଟିଛି। ତାଙ୍କ ମା ସୁଷମା ଜଣେ ବୈଷୟିକ ଅଧିକାରୀ। କିନ୍ତୁ ରାଜୀବ ଟେନିସ୍‌ରେ କ୍ୟାରିୟର ଗଢ଼ିବାକୁ ଆଗ୍ରହ ଦେଖାଇଥିଲେ ଆମେରିକାକୁ ପ୍ରତିନିଧିତ୍ୱ କରି ସେ ୫ ଗ୍ରାଣ୍ଡସ୍ଲାମ୍ ବିଜେତା ହୋଇଛନ୍ତି। ଯାହାମଧ୍ୟରେ ୪ଟି ପୁରୁଷ ଯୁଗଳ ଓ ଗୋଟିଏ ମିଶ୍ରିତ ଯୁଗଳ ଟ୍ରଫି ରହିଛି। ୨୦୧୬ ରିଓ ଅଲିମ୍ପିକ୍ସରେ ଭେନସ ୱିଲିୟମ୍ସଙ୍କୁ ସାଥୀ କରି ରୌପ୍ୟ ପଦକ ପାଇଥିଲେ। ପ୍ୟାରିସ୍‌ରେ ସେ ପୁରୁଷ ଯୁଗଳରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ପ୍ରିତିକା ପଭାଡ଼େ (ଫ୍ରାନ୍ସ, ଟେବୁଲ୍ ଟେନିସ୍): ପ୍ରିତିକାଙ୍କ ବାପା ପୁଡୁଚେରୀର ବାସିନ୍ଦା ୨୦୦୩ରେ ବିବାହ କରିବା ପରେ ସେ ପ୍ୟାରିସ୍ ଚାଲିଯାଇଥିଲେ। ବର୍ଷକ ପରେ ପ୍ରିତିକା ଜନ୍ମ ହୋଇଥିଲେ। ପ୍ରିତିକାଙ୍କ ବାପା ଜଣେ ଟେବୁଲ୍ ଟେନିସ୍ ଖେଳାଳି ହୋଇଥିବାରୁ ସେ ମଧ୍ୟ ଝିଅକୁ ଏହି ଖେଳରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ୧୬ ବର୍ଷ ବୟରେ ପ୍ରିତିକା ଟୋକିଓ ଅଲିମ୍ପିକ୍ସରେ ପଦାର୍ପଣ କରିଥିଲେ ରସାୟନ ବିଜ୍ଞାନ ଓ ପରିବେଶ ବିଜ୍ଞାନ ପଢୁଥିବା ପ୍ରିତିକା ମହିଳା। ଏକକରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥିରେ ସେ ଦ୍ୱାଦଶ ସିଡ୍ ପାଇଛନ୍ତି।



ଏଥିସହିତ ମହିଳା ଯୁଗଳ ଓ ମିଶ୍ରିତ ଯୁଗଳରେ ମଧ୍ୟ ସେ ଖେଳିବାକୁ ଯାଉଛନ୍ତି କନକ ଝା (ଆମେରିକା, ଟେବୁଲ୍ ଟେନିସ୍): ଆମେରିକାକୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅନ୍ୟଜଣେ ଭାରତୀୟ ବଂଶୋଭବ ହେଉଛନ୍ତି ଟେବୁଲ୍ ଟେନିସ୍ ଖେଳାଳି କନକ ଝା କନକଙ୍କ ମା କରୁଣା ମୁମ୍ବାଇର ବାସିନ୍ଦା ହୋଇଥିଲା୍ ବେଳେ ବାପା ଅରୁଣ କୋଲ୍‌କାତା ଓ ପ୍ରୟାଗରାଜରେ ବଢ଼ିଛନ୍ତି ଉଭୟ ଆଇଟି କମ୍ପାନିରେ କାମ କରୁଥିଲେ ମିଲ୍‌ପିଟାସ୍‌ରେ ଥିବା ଭାରତୀୟ କମ୍ୟୁନିଟି ସେଣ୍ଟରରୁ କନକ ଟେବୁଲ୍ ଟେନିସ୍ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ବଡ଼ ଭଉଣୀ ପ୍ରାଚୀ ମଧ୍ୟ ଜଣେ ଟେବୁଲ୍ ଟେନିସ୍ ଖେଳାଳି ଖେଳ ଶିଖିବା ଆରମ୍ଭ କରିବା ମାତ୍ରେ ତାଙ୍କଠୁ ଦୁଇଗୁଣା ବୟସର ଖେଳାଳିଙ୍କୁ କନକ ହରାଇଥିଲେ। ୨୪ ବର୍ଷୀୟ କନକ ୪ଥର ଜାତୀୟ ପ୍ରତିଯୋଗିତାରେ ବିଜେତା ହୋଇଥିଲା ବେଳେ ୨୦୧୬ ଓ ୨୦୨୦ ଅଲିମ୍ପିକ୍ସରେ ଖେଳିସାରିଛନ୍ତି। ରିଓ ଅଲିମ୍ପିକ୍ସରେ ସେ ଆମେରିକାର ସର୍ବକନିଷ୍ଠ ଖେଳାଳି ଭାବେ ଅଂଶଗ୍ରହଣ କରିଥିଲାବେଳେ ପ୍ରଥମ ଆମେରିକୀୟ ଭାବେ ୨୦୧୮ରେ ଯୁବ ଅଲିମ୍ପିକ୍ସରେ ପଦକ ଜିତିଥିଲେ ପ୍ୟାରିସ୍‌ରେ ସେ ପୁରୁଷ ଏକକରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଶାନ୍ତି ପେରେରା (ସିଙ୍ଗାପୁର, ଦେଡ଼କୁଦ): ସିଙ୍ଗାପୁରର ସ୍ପ୍ରିଣ୍ଟ କୁଇନ୍ ଭାବେ ଶାନ୍ତି ବେଶ୍ ପରିଚିତ କେରଳର ମୂଳବାସିନ୍ଦା ଶାନ୍ତିଙ୍କ ଜେଜେବାପା ଓ ଜେଜେମା ତିରୁଅନନ୍ତପୁରମ୍‌ର ଭେଟୁକଡ୍‌ରେ ରହୁଥିଲେ କିନ୍ତୁ ଜେଜେବାପା ସିଙ୍ଗାପୁରରେ ଚାକିରି ପାଇବା ପରେ ତାଙ୍କ ପରିବାର ସେଠାକୁ ଚାଲିଯାଇଥିଲା। ଗତବର୍ଷ ସିଙ୍ଗାପୁରକୁ ଟ୍ରାକ୍ ଆଣ୍ଡ ଫିଲ୍ଡରେ ୪୯ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଏସୀୟ କ୍ରୀଡ଼ାରୁ ଶାନ୍ତି ମହିଳା ୧୦୦ ମିଟରରେ ରୌପ୍ୟ ପଦକ ଆଣିପାରିଥିଲେ ଯେଉଁଥିପାଇଁ ତାଙ୍କୁ ବର୍ଷର ଶ୍ରେଷ୍ଠ ଖେଳାଳି ଭାବେ ସିଙ୍ଗାପୁରର କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥର ପ୍ୟାରିସ୍‌ରେ ସେ ସିଙ୍ଗାପୁର ଦଳର ପତାକାଧାରୀ ହେବାକୁ ଯାଉଛନ୍ତି। ଶାନ୍ତିଙ୍କ ଜୀବନ ଉପରେ ତାଙ୍କର ଦୁଇ ଭଉଣୀ ଗୋ ଶାନ୍ତି ଗୋ ନାମରେ ଗୋଟିଏ ଶିଶୁ ପୁସ୍ତିକା ଲେଖିଛନ୍ତି। ପ୍ୟାରିସ୍‌ରେ ସେ ୧୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରିବେ। ଅମର ଧେସି (କାନାଡା, କୁସ୍ତି): କାନାଡାର ଏକ ଛୋଟିଆ। ପ୍ରଦେଶ ବ୍ରିଟିଶ କଲମ୍ବିଆର ସରେଠାରେ ଅମର ଜନ୍ମ ହୋଇଥିଲେ। ଅମରଙ୍କ ବାପା ବଲବୀର ପଞ୍ଜାବର ଜଳନ୍ଧର ଜିଲ୍ଲା ସଙ୍ଘାଲ୍ ଗ୍ରାମର ମୂଳ ବାସିନ୍ଦା ଓ ଗ୍ରିକୋ ରୋମାନ୍‌ରେ ଜାତୀୟ ବିଜେତା ଥିଲେ।

ଏନ୍ଆଇଏସ୍ ପଟିଆଲାରେ ପ୍ରଶିକ୍ଷଣ ନେବା ପରେ ପଞ୍ଜାବ ପୁଲିସରେ ସେ ଚାକିରି କରିଥିଲେ କିନ୍ତୁ ପରେ ୧୯୭୯ରେ କାନାଡା ଚାଲିଯାଇଥିଲେ। ସେଠାରେ ଏକ କରତ କଳରେ କାମ କରିବା ସମୟରେ ଖଲସା କୁସ୍ତି କ୍ଲବ୍ ଆରମ୍ଭ କରିଥିଲେ। ଏହିଠାରେ ଅମର ମଧ୍ୟ ଛୋଟବେଳକୁ କୁସ୍ତି ଶିଖିବା ଆରମ୍ଭ କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅମର ପଦାର୍ପଣ କରିଥିଲା ବେଳେ ୧୨୫ କେଜି ଫ୍ରିଷ୍ଟାଇଲ୍‌ରେ ତ୍ରୟୋଦଶ ସ୍ଥାନରେ ରହିଥିଲେ ପ୍ୟାରିସ୍‌ରେ ମଧ୍ୟ ସମାନ ଓଜନବର୍ଗରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ୨୧ ଲକ୍ଷ କୋଟିର...

(ଡିପିଆଇ) କାର୍ଯ୍ୟକାରୀ କରିବାରେ ସହାୟକ ହେବେ।ଶ୍ରୀମତୀ ସୀତାରମଣ ଚଳିତ ବର୍ଷ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୧.୫୨ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ଘୋଷଣା କରିଛନ୍ତି।

ଅର୍ଥମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ୍ ର ଅଂଶ ସ୍ୱରୂପ ସରକାର ରୋଜଗାର ଭିତ୍ତିକ ପ୍ରୋତ୍ସାହନ ପାଇଁ ୩ଟି ଯୋଜନା କାର୍ଯ୍ୟକାରୀ କରିବେ। ଇପିଏଫଓରେ ନାମ ପଞ୍ଜୀକରଣ ଓ ପ୍ରଥମ ଥର ପାଇଁ କର୍ମଚାରୀଙ୍କୁ ସ୍ୱୀକୃତି ଦେବା ଏବଂ କର୍ମଚାରୀ ଓ ନିଯୁକ୍ତିଦାତାଙ୍କୁ ସହାୟତା ଉପରେ ଧ୍ୟାନ ଦିଆଯିବ। ଶିଳ୍ପ ସହଯୋଗରେ କର୍ମଜୀବୀ ମହିଳା ହଷ୍ଟେଲ ପ୍ରତିଷ୍ଠା ଓ କ୍ରେଚ୍ ପ୍ରତିଷ୍ଠା ମାଧ୍ୟମରେ କର୍ମକ୍ଷେତ୍ରରେ ମହିଳାଙ୍କ ଅଧିକ ଅଂଶଗ୍ରହଣକୁ ସରକାର ସୁଗମ କରିବେ।

ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରି ଅର୍ଥମନ୍ତ୍ରୀ ରାଜ୍ୟ ସରକାର ଓ ଶିଳ୍ପ ସଂସ୍ଥାର ସହଯୋଗରେ ଦକ୍ଷତା ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ୍ ଅଧୀନରେ ଚତୁର୍ଥ ଯୋଜନା ଭାବରେ ଏକ ନୂତନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଘୋଷଣା କରିଥିଲେ। ୫ ବର୍ଷ ମଧ୍ୟରେ ୨୦ ଲକ୍ଷ ଯୁବକଙ୍କୁ ଦକ୍ଷ କରାଯିବ। ୧୦୦୦ ଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠାନକୁ ହବ୍ ରୂପରେ ଉନ୍ନତ କରାଯିବ ଏବଂ ଫଳାଫଳ ଅଭିମୁଖୀକରଣ ସହିତ ସ୍କିଲ୍ ବ୍ୟବସ୍ଥା କରାଯିବ। ଅର୍ଥମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ମଡେଲ ସ୍କିଲ୍ ଲୋନ୍ ସ୍କିମ୍ ରେ ସଂଶୋଧନ କରାଯାଇ ଋଣ ପ୍ରଦାନ କରାଯିବ। ସରକାରୀ ପ୍ରୋତ୍ସାହିତ ପାଣ୍ଠିରୁ ୭.୫ ଲକ୍ଷ ଟଙ୍କାର ଗ୍ୟାରେଣ୍ଟି ମିଳିବ, ଯାହା ପ୍ରତିବର୍ଷ ୨୫,୦୦୦ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

ସରକାରୀ ଯୋଜନା ଓ ନୀତି ଅନୁଯାୟୀ କୌଣସି ସୁବିଧା ପାଇବାକୁ ଯୋଗ୍ୟ ନଥିବା ଯୁବକଯୁବତୀଙ୍କୁ ସାହାଯ୍ୟ କରିବା ପାଇଁ ଘରୋଇ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତିୟ ଏଥିପାଇଁ ପ୍ରତିବର୍ଷ ୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଋଣ ରାଶିର ୩ ପ୍ରତିଶତ ବାର୍ଷିକ ସୁଧ ରିହାତି ପାଇଁ ସିଧାସଳଖ ଇ-ଭାଉଚର ପ୍ରଦାନ କରାଯିବ।

କାରିଗର, ଶିଳ୍ପୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଅନୁସୂଚିତ ଜାତି, ଜନଜାତି ଓ ମହିଳା ଉଦ୍ୟୋଗୀ ଏବଂ ପିଏମ ବିଶ୍ୱକର୍ମା, ପ୍ରଧାନମନ୍ତ୍ରୀ ସ୍ୱନିଧି, ଜାତୀୟ ଜୀବିକା ମିଶନ ଏବଂ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଭଳି ରାସ୍ତାକଡ଼ ବ୍ୟବସାୟୀଙ୍କ ଆର୍ଥିକ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରାଯିବ ବୋଲି ଅର୍ଥମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ଅନ୍ତର୍ଭୁକ୍ତ କରି ଦେଶର ପୂର୍ବା ଳର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପୂର୍ବୋଦୟ ନାମକ ଏକ ଯୋଜନା ପ୍ରସ୍ତୁତ କରିବେ। ଏଥିରେ ମାନବ ସମ୍ବଳ ବିକାଶ, ଭିତ୍ତିଭୂମି ଏବଂ ଅର୍ଥନୈତିକ ସୁଯୋଗ ସୃଷ୍ଟି କରାଯାଇ ଏହି ଅଞ୍ଚଳକୁ ବିକଶିତ ଭାରତ ହାସଲ ପାଇଁ ଇଞ୍ଜିନ ରେ ପରିଣତ କରାଯିବ।ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଆଦିବାସୀ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସରକାର ୬୩,୦୦୦ ଗ୍ରାମକୁ ସମାବେଶୀ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଏବଂ ଆକାଂକ୍ଷୀ ଜିଲ୍ଲାର ଆଦିବାସୀ ପରିବାରମାନଙ୍କ ପାଇଁ କଲ୍ୟାଣମୂଳକ ଯୋଜନାର ସମ୍ପୂର୍ଣ୍ଣତା ପ୍ରସାର ଆଭିମୁଖ୍ୟ ଗ୍ରହଣ କରି ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଆରମ୍ଭ କରିବେ ଏବଂ ଏହାଦ୍ୱାରା ୫ କୋଟି ଆଦିବାସୀ ଲୋକ ଉପକୃତ ହେବେ। ବ୍ୟାଙ୍କ ସେବାର ସମ୍ପ୍ରସାରଣ ପାଇଁ ଉ ର ପୂର୍ବାଞ୍ଚଳରେ ଇଣ୍ଡିଆ ପୋଷ୍ଟ ପେମେ ବ୍ୟାଙ୍କର ୧୦୦ରୁ ଅଧିକ ଶାଖା ଖୋଲାଯିବ। ଚଳିତ ବର୍ଷ ଗ୍ରାମୀଣ ଭିତ୍ତିଭୂମି ସମେତ ଗ୍ରାମୀଣ ବିକାଶ ପାଇଁ ୨.୬୬ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ଏହି ବଜେଟରେ ଏମଏସଏମଇ ଓ ଉତ୍ପାଦନ, ବିଶେଷ କରି ଶ୍ରମ ଭିତ୍ତିକ ଉତ୍ପାଦନ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ପୃଥକ ଭାବେ ଗଠିତ ସେଲ୍ଫ ଫାଇନାନ୍ସିଂ ଗ୍ୟାରେଣ୍ଟି ପାଣ୍ଠି ପ୍ରତ୍ୟେକ ଆବେଦନକାରୀଙ୍କୁ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଗ୍ୟାରେଣ୍ଟି କଭର ପ୍ରଦାନ କରିବ ଏବଂ ଋଣ ପରିମାଣ ଅଧିକ ହୋଇପାରେ। ସେହିଭଳି ରାଷ୍ଟ୍ରାୟ ବ୍ୟାଙ୍କଗୁଡ଼ିକ ବାହ୍ୟ ଆକଳନ ଉପରେ ନିର୍ଭର ନକରି ଋଣ ପାଇଁ ଏମଏସଏମଇଗୁଡ଼ିକର ଆକଳନ କରିବା ପାଇଁ ସେମାନଙ୍କର ଆଭ୍ୟନ୍ତରୀଣ କ୍ଷମତା ବୃଦ୍ଧି କରିବେ। ସେ ଏମଏସଏମଇଗୁଡ଼ିକର ଚାପ ସମୟରେ ବ୍ୟାଙ୍କ ଋଣ ଜାରି ରଖିବା ପାଇଁ ଏକ ନୂତନ ବ୍ୟବସ୍ଥା ମଧ୍ୟ ଘୋଷଣା କରିଥିଲେ।

'ତରୁଣ' ବର୍ଗରେ ଯେଉଁ ଉଦ୍ୟୋଗୀମାନେ ପୂର୍ବ ଋଣ ନେଇଛନ୍ତି ଏବଂ ସଫଳତାର ସହ ପରିଶୋଧ କରିଛନ୍ତି ସେମାନଙ୍କ ପାଇଁ ମୁଦ୍ରା ଋଣର ସୀମା ବର୍ତ୍ତମାନର ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ।

ଏମ୍ଏସ୍ଏମ୍ଇ କ୍ଷେତ୍ରରେ ୫୦ଟି ମଲ୍ଟି ପ୍ରଡକ୍ଟ ଫୁଡ୍ ଇରେଡିଏସନ୍ ୟୁନିଟ୍ ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ୍ୟ ଏନଏବିଏଲ୍ ମାନ୍ୟତା ସହିତ ୧୦୦ଟି ଖାଦ୍ୟ ଗୁଣବ । ଏବଂ ନିରାପ । ପରୀକ୍ଷା ଲ୍ୟାବ୍ ପ୍ରତିଷ୍ଠା ପାଇଁ ମଧ୍ୟ ସୁବିଧା କରାଯିବ। ଏମ୍ଏସ୍ଏମ୍ଇ ଓ ପାରମ୍ପରିକ କାରିଗରମାନେ ଅନ୍ତର୍ଜାତୀୟ ବଜାରରେ ସେମାନଙ୍କ ଉତ୍ପାଦ ବିକ୍ରି କରିପାରିବେ, ସେଥିପାଇଁ ସରକାରୀ ଘରୋଇ ଭାଗିଦାରୀ (ପିପିପି) ମାଧ୍ୟମରେ ଇ-କମର୍ସ ରପ୍ତାନି ହବ୍ ପ୍ରତିଷ୍ଠା କରାଯିବ।ଅର୍ଥମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ୍ ଅଧୀନରେ ପଞ୍ଚମ ଯୋଜନା ଭାବରେ ସରକାର ୫ ବର୍ଷ ମଧ୍ୟରେ ୧ କୋଟି ଯୁବକ ଯୁବତୀଙ୍କୁ ୫୦୦ ଶ୍ରେଷ୍ଠ କମ୍ପାନୀରେ ଇ ର୍ନସିପ୍ ସୁଯୋଗ ପ୍ରଦାନ କରିବା ପାଇଁ ଏକ ବ୍ୟାପକ ଯୋଜନା ଆରମ୍ଭ କରିବେ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରା ଳ ୨.୦ ଅଧୀନରେ ୧ କୋଟି ସହରା ଳ ଗରିବ ଓ ମଧ୍ୟବି ପରିବାରର ଆବାସ ଆବଶ୍ୟକତା ୧୦ ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ ରେ ପୂରଣ କରାଯିବ। ଏଥିରେ ଆସନ୍ତା ୫ ବର୍ଷ ରେ ୨.୨ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଅନ୍ତର୍ଭୁକ୍ତ ହେବ। ରାଜ୍ୟ ସରକାର ଏବଂ ବହୁପାକ୍ଷିକ ଉନ୍ନୟନ ବ୍ୟାଙ୍କମାନଙ୍କ ସହ ଭାଗିଦାରୀରେ ସରକାର ବ୍ୟାଙ୍କ ଯୋଗ୍ୟ ପ୍ରକଳ୍ପ ମାଧ୍ୟମରେ ୧୦୦ଟି ବୃହତ ସହର ପାଇଁ ଜଳ ଯୋଗାଣ, ନର୍ଦ୍ଦମା ବିଶୋଧନ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଏବଂ ସେବାକୁ ପ୍ରୋତ୍ସାହିତ କରିବେ। ଅର୍ଥମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଷ୍ଟ୍ରିଟ୍ ଭେଣ୍ଡର ବା ଉଠାଦୋକାନୀ ମାନଙ୍କ ଜୀବନରେ ପରିବ ର୍ନ ଆଣିବାରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ସଫଳତାକୁ ଆଧାର କରି ସରକାର ପ୍ରତି ବର୍ଷ ଏକ ଯୋଜନା ର ପରିକଳ୍ପନା କରିଛନ୍ତି, ଆଗାମୀ ପାଞ୍ଚବର୍ଷ ମଧ୍ୟରେ ବଛାବଛା ସହରଗୁଡିକରେ ୧୦୦ ଟି ସାପ୍ତାହିକ 'ହାଟ' ବା ଷ୍ଟ୍ରିଟ୍ ଫୁଡ୍ ହବ୍ ର ବିକାଶ କରାଯିବ।

ଅର୍ଥମନ୍ତ୍ରୀ କହିଛନ୍ତି ଯେ ଅନ୍ତରୀଣ ବଜେଟରେ ଘୋଷଣା ଅନୁଯାୟୀ, ୧ କୋଟି ପରିବାର ପ୍ରତି ମାସରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପାଇପାରିବେ। ସେଥିପାଇଁ ଛାତ ଉପରେ ସୌର ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ପିଏମ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଆରମ୍ଭ କରାଯାଇଛି। ୧.୨୮ କୋଟିରୁ ଅଧିକ ପଞ୍ଜୀକରଣ ଏବଂ ୧୪ ଲକ୍ଷ ଆବେଦନ ସହିତ ଏହି ଯୋଜନାକୁ ଉଲ୍ଲେଖନୀୟ ପ୍ରତିକ୍ରିୟା ମିଳିଛି। ଆଣବିକ ଶକ୍ତି ବିକଶିତ ଭାରତ ପାଇଁ ଶକ୍ତି ମିଶ୍ରଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ ବୋଲି ଆଶା କରାଯାଉଛି। ନିଯୁକ୍ତି, ଅଭିବୃଦ୍ଧି ଏବଂ ପରିବେଶ ନିରନ୍ତରତାର ଜରୁରୀତାକୁ ସନ୍ତୁଳିତ କରିବା ପାଇଁ 'ଶକ୍ତି ପରିବର୍ତ୍ତନ ପଥ' ଉପରେ ନୀତି ଦସ୍ତାବିଜ ଅଣାଯିବ। ବିଦ୍ୟୁତ ସଂରକ୍ଷଣ ପାଇଁ ପମ୍ପେଡ୍ ଷ୍ଟୋରେଜ୍ ପ୍ରକଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଅଣାଯିବ। ଭାରତ କ୍ଷୁଦ୍ର ମଡ୍ୟୁଲାର ରିଏକ୍ଟରର ଗବେଷଣା ଓ ବିକାଶ ଏବଂ ଆଣବିକ ଶକ୍ତି ପାଇଁ ନୂତନ ଜ୍ଞାନକୌଶଳ ପାଇଁ ସରକାର ଘରୋଇ କ୍ଷେତ୍ର ସହ ଭାଗିଦାରୀ କରିବା ଏବଂ ଭାରତ କ୍ଷୁଦ୍ର ରିଏକ୍ଟର ସ୍ଥାପନ କରିବେ। ଏନଟିପିସି ଓ ବିଏଚ୍ଏଲ୍ ମଧ୍ୟରେ ମିଳିତ ଉଦ୍ୟୋଗରେ ଆଡଭାନ୍ସଡ୍ ଅଲ୍ଟ୍ରା ସୁପର କ୍ରିଟିକାଲ୍ (ଏୟୁଏସସି) ଟେକ୍ନୋଲୋଜି ବ୍ୟବହାର କରି ୮୦୦ ମେଗାୱାଟ୍ ର ବାଣିଜ୍ୟିକ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନର 'ପ୍ରଦର୍ଶନ, ହାସଲ ଏବଂ ବାଣିଜ୍ୟ' ମୋଡରୁ 'ଭାରତୀୟ କାର୍ବନ ମାର୍କେଟ' ମୋଡକୁ ଶିଳ୍ପଗୁଡ଼ିକୁ ସ୍ଥାନାନ୍ତର କରିବା ପାଇଁ ଉପଯୁକ୍ତ ନିୟମ ପ୍ରଣୟନ କରାଯିବ।ଭିତ୍ତିଭୂମି ନିର୍ମାଣ ଓ ଉନ୍ନତି କ୍ଷେତ୍ରରେ କେନ୍ଦ୍ର ସରକାର ବର୍ଷ ବର୍ଷ ଧରି କରିଥିବା ଉଲ୍ଲେଖନୀୟ ପୁଞ୍ଜିନିବେଶ ଅର୍ଥନୀତି ଉପରେ ଦୃଢ଼ ପ୍ରଭାବ ପକାଇଛି ବୋଲି ଅର୍ଥମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ୫ ବର୍ଷ ମଧ୍ୟରେ ଭିତ୍ତିଭୂମି ପାଇଁ ସୁଦୃଢ଼ ବିତ୍ତୀୟ ସହାୟତା ବଜାୟ ରଖିବାକୁ ସରକାର ପ୍ରୟାସ କରିବେ, ଯେଉଁଥିରେ ଅନ୍ୟାନ୍ୟ ପ୍ରାଥମିକତା ଏବଂ ବି ୀୟ ସୁଦୃଢ଼ୀକରଣର ଆବଶ୍ୟକତା ରହିଛି। ଚଳିତ ବର୍ଷ ପୁଞ୍ଜି ବ୍ୟୟ ପାଇଁ ୧୧,୧୧,୧୧୧ କୋଟି ଟଙ୍କା ଆବ ନ କରାଯାଇଛି, ଯାହା କି ଆମ ଜିଡିପିର ୩.୪ ପ୍ରତିଶତ।

ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଯୋଗ୍ୟ ବିବେଚିତ ହୋଇଥିବା ୨୫,୦୦୦ ଗ୍ରାମୀଣ ବସ୍ତିକୁ ସର୍ବକାଳୀନ ଯୋଗାଯୋଗ ଯୋଗାଇଦେବା ପାଇଁ ପିଏମଜିଏସୱାଇର ଚତୁର୍ଥ ପର୍ଯ୍ୟାୟ ଆରମ୍ଭ କରାଯିବ।

ଅର୍ଥମନ୍ତ୍ରୀ କହିଥିଲେ ଯେ ସରକାର ମୌଳିକ ଗବେଷଣା ଓ ପ୍ରୋଟୋଟାଇପ୍ ବିକାଶ ପାଇଁ ଅନୁସନ୍ଧାନ ଜାତୀୟ ଗବେଷଣା ପାଣ୍ଠିକୁ କାର୍ଯ୍ୟକ୍ଷମ କରିବେ । ଅନ୍ତରୀଣ ବଜେଟରେ ଘୋଷଣା ଅନୁଯାୟୀ ୧ ଲକ୍ଷ କୋଟି ଟଙ୍କାର ଆର୍ଥିକ ପୁଲ ସହିତ ବାଣିଜ୍ୟିକ ସ୍ତରରେ ଘରୋଇ କ୍ଷେତ୍ର ଦ୍ୱାରା ପରିଚାଳିତ ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବ୍ୟବସ୍ଥା ସ୍ଥାପନ କରିବେ।ଆଗାମୀ ୧୦ ବର୍ଷ ମଧ୍ୟରେ ମହାକାଶ ଅର୍ଥନୀତିକୁ ୫ ଗୁଣା ବୃଦ୍ଧି କରିବା ଉପରେ ଆମର ନିରନ୍ତର ଗୁରୁତ୍ୱ ସହିତ ୧୦୦୦ କୋଟି ଟଙ୍କାର ଭେଞ୍ଚର କ୍ୟାପିଟାଲ ଫଣ୍ଡ ପ୍ରତିଷ୍ଠା କରାଯିବ।

ଅର୍ଥମନ୍ତ୍ରୀ କହିଛନ୍ତି ଯେ ଅର୍ଥନୈତିକ ବିକାଶ ଦିଗରେ ବ୍ୟାପକ ଆଭିମୁଖ୍ୟ ନିର୍ଦ୍ଧାରଣ କରିବା ସହ ନିଯୁକ୍ତି ସୁଯୋଗ କୁ ସୁଗମ କରିବା ଏବଂ ଉଚ୍ଚ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ପରବ ୀ ପିଢ଼ିର ସଂସ୍କାରର ପରିସର ନିର୍ଦ୍ଧାରଣ କରିବାକୁ ସରକାର ଏକ ଆର୍ଥିକ ନୀତିଗତ ଢା । ପ୍ରସ୍ତୁତ କରିବେ।

ରୋଜଗାର ଓ ଦକ୍ଷତା ସମେତ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେବା ପାଇଁ ସରକାର ସୁବିଧା ଯୋଗାଇ ଦେବେ। ଅନ୍ୟ ପୋର୍ଟାଲ ସହିତ ଇ-ଶ୍ରମ ପୋର୍ଟାଲର ବ୍ୟାପକ ସମନ୍ୱୟ ଏଭଳି ୱାନ୍ ଷ୍ଟପ୍ ସମାଧାନକୁ ସହଜ କରିବ୍ୟ ଶିଳ୍ପ ଏବଂ ବାଣିଜ୍ୟ ପାଇଁ ଅନୁପାଳନକୁ ସହଜ କରିବା ପାଇଁ ଶ୍ରମ ସୁବିଧା ଏବଂ ସମସ୍ତ ପୋର୍ଟାଲର ନବୀକରଣ କରାଯିବ।ଜଳବାୟୁ ଅନୁକୂଳନ ଓ ପ୍ରଶମନ ପାଇଁ ପୁଞ୍ଜିର ଉପଲବ୍ଧତା ବୃଦ୍ଧି ପାଇଁ ସରକାର ଜଳବାୟୁ ଅର୍ଥ ପାଇଁ ଏକ ବର୍ଗୀକରଣ ବିକଶିତ କରିବେ।

ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ଏବଂ ବିଦେଶୀ ପୁଞ୍ଜି ନିବେଶ ପାଇଁ ନିୟମାବଳୀକୁ ସରଳୀକରଣ କରାଯାଇ (୧) ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ସୁଗମ କରାଯିବ, (୨) ପ୍ରାଥମିକତା ପ୍ରଦାନ କରାଯିବ ଏବଂ (୩) ବିଦେଶୀ ପୁଞ୍ଜିନିବେଶ ପାଇଁ ମୁଦ୍ରା ଭାବରେ ଭାରତୀୟ ଟଙ୍କାକୁ ବ୍ୟବହାର କରିବାର ସୁଯୋଗକୁ ପ୍ରୋତ୍ସାହିତ କରାଯିବ।

ନାବାଳକଙ୍କ ପାଇଁ ଅଭିଭାବକ ଓ ଅଭିଭାବକଙ୍କ ଯୋଗଦାନ ପାଇଁ ଏନ୍‌ପିଏସ୍-ବାତ୍ସଲ୍ୟ ଯୋଜନା ଆରମ୍ଭ ହେବ୍ୟ ବୟସ ବଢ଼ିବା ପରେ ଏହି ଯୋଜନାକୁ ଏକ ସାଧାରଣ ଏନପିଏସ୍ ଆକାଉ ରେ ପରିଣତ କରାଯାଇପାରିବ।

ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏନପିଏସର ସମୀକ୍ଷା ପାଇଁ ଗଠିତ କମିଟି ଏହାର କାର୍ଯ୍ୟରେ ଯଥେଷ୍ଟ ଅଗ୍ରଗତି କରିଛି। ଏ ଦିଗରେ ଏକ ସମାଧାନ ବିକଶିତ କରାଯିବ ଯାହା ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ବିତୀୟ ବିଚକ୍ଷଣତା ବଜାୟ ରଖିବା ସହିତ ପ୍ରାସଙ୍ଗିକ ପ୍ରସଙ୍ଗଗୁଡ଼ିକର ସମାଧାନ କରିବ।

## ବିଧାନସଭାରେ..

ମିଶ୍ର ଯେଉଁ ବିଜେଡି ଆଜି ପ୍ରତିବାଦ କରୁଛି ପୂର୍ବରୁ,ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଦିବ୍ୟ ଶଙ୍କର ମିଶ୍ରଙ୍କ ଘଟଣାରେ କୁଆଡ଼େ ଯାଇଥିଲ ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ୨୪ ବର୍ଷ ହେଲା ଓଡ଼ିଆ ଅସ୍ମିତା କଥା କେତେ ଥର ବିଜେଡି କହିଥିଲା ବୋଲି ପ୍ରଶ୍ନ କରିଥିଲେ। ଯେଉଁମାନେ ୨୪ ବର୍ଷ ଶାସନ ରେ ରହିଲା ବେଳେ ଯେଉଁମାନେ ଶାସନ ରେ ଥିଲେ ତାଙ୍କ ନାମରେ ଜଘନ୍ୟ ଅପରାଧ ରହିଛି ସେମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି । ଏହି କାରଣରୁ ଗୃହ ୪ ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

ଓଡିଆ ଅସ୍ମିତା ତଥା ରାଜ୍ୟପାଳଙ୍କ ପୁଅ ପ୍ରସଙ୍ଗକୁ ନେଇ ଆଜି ଦିନ ତମାମ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ହୋହାଲ୍ଲା କରିଥିଲେ। ଏହି କ୍ରମରେ ବିଜେଡି ବିଧାୟକ ଧ୍ରୁବ ସାହୁ ବାଚସ୍ପତିଙ୍କ ମାଇକ ଭାଙ୍ଗିଦେଇଥିଲେ। ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ଚଢ଼ି ସେ ମାଇକ ଭାଙ୍ଗି ଦେଇଥିଲେ। ଏଥିପାଇଁ ବାଚସ୍ପତି ସୁରମା ପାଢୀ ଅପରାହ୍ନ ୪ ଟା ୨୮ ମିନିଟ୍ ରେ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

ଅପରାହ୍ନରେ ରାଜ୍ୟପାଳଙ୍କ ପୁଅ ପ୍ରସଙ୍ଗକୁ ନେଇ ବିଜେଡି ଓ କଂଗ୍ରେସର ବିଧାୟକମାନେ ପୁଣି ବିଧାନସଭାରେ ହୋହଲ୍ଲା କରିଥିଲେ। ଗୃହର ମଧ୍ୟଭାଗକୁ ଆସି ଅନେକ ବିଜେଡି ଓ କଂଗ୍ରେସ ବିଧାୟକ ହୋହଲ୍ଲା କରିଥିଲେ। ଆଉ ଏହି ସମୟରେ ବିଜେଡି ବିଧାୟକ ଧ୍ରୁବ ସାହୁ ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ଚଢ଼ି ମାଇକ ଭାଙ୍ଗି ଦେଇଥିଲେ। ଆଜି ସକାଳେ ବି ଏହି ପ୍ରସଙ୍ଗକୁ ନେଇ ଗୃହ ଚଳାଇ ଦେଇ ନଥିଲେ ବିରୋଧୀ। ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବି ରଖିଥିଲେ।

ସୂଚନାଯୋଗ୍ୟ, ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ରାଜଭବନରେ ନିଯୁକ୍ତ ଜଣେ ଏଏସ୍ ଓଙ୍କ ମାଡ଼ ମାରିବା ସହିତ ତାଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସରକାରଙ୍କୁ ବେଶ୍ କିଛି ଦିନ ହେଲାଣି ଘେରିଛନ୍ତି ବିଜେଡି ଓ କଂଗ୍ରେସ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ